**ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା**

ଦେବଗଡ଼,(ଡି.ଏନ.ଏ.): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦେବଗଡ ଭିଜିଲାନ୍ସ ବିଭାଗ ପକ୍ଷରୁ ସହରରେ ବୁଧବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଦୁର୍ନୀତି ନିବାରଣ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ ବିତରଣ କରାଯାଇଥିଲା । ଶୋଭାଯାତ୍ରାରେ ଦୁର୍ନୀତି ନିବାରଣ ବିଭାଗର ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ଚୋରା ସ୍କ୍ରାପ୍ ଚାଲାଣ: ୨ ଗିରଫ

ରାଉରକେଲା ଅଫିସ,୨୭।୧୦: ବ୍ରାହ୍ମଣୀତରଙ୍ଗ ପୋଲିସ ଚୋରା ସ୍କ୍ରାପ ଚାଲାଣ ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାନପୋଷ ଅଞ୍ଚଳର ରାଜୁ ବାହାଦୂର(୩୩) ଓ ଅନି ସମାସୀ(୨୩) । ରାଜୁ ଓ ଅନି ପାନପୋଷ ଅଞ୍ଚଳରୁ ଟାଟାଏସି ଗାଡ଼ିନଂ ଓଡ଼ି୧୪କିୟୁ୦୮୬୯ ଯୋଗେ କୁଲୁଙ୍ଗା ଆଇଡିସିର ଏକ ଘରୋଇ କାରଖାନାକୁ ସ୍କ୍ରାପ ନେଇ ଯାଉଥିଲେ। ବେଦବ୍ୟାସ ଛକରେ ପୋଲିସ ଏହି ଗାଡ଼ିକୁ ଅଟକାଇ ଗାଡ଼ିର ଥିବା ସ୍କ୍ରାପର ବିଲ ଡ୍ରାଇଭର ରାଜୁକୁ ମାଗିଥିଲା। ରାଜୁ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ପୋଲିସ ଗାଡ଼ିକୁ ଅଟକାଇ ଦୁଇଜଣଙ୍କୁ ଗିରଫ କରିଥିଲେ। ପୋଲିସ(୨୦୭/୨୧)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ମହାନଗର ନିଗମ କମିଶନରଙ୍କୁ ଭେଟିଲା ନାଗରିକ କମିଟି

ସମ୍ବଲପୁର,୨୭।୧୦(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ୩୫, ୩୬ ଓ ୩୭ନଂ. ୱାର୍ଡରେ ବିଭିନ୍ନ ସମସ୍ୟା ଲାଗିରହିଛି। ସମସ୍ୟା ସମାଧାନ ସକାଶେ ଧନୁପାଲି, ଗୋବିନ୍ଦତୋଲା, ଭତରା, ପୁଟିବନ୍ଧ ଅଞ୍ଚଳର ନାଗରିକ ସମନ୍ୱୟ କମିଟି ପକ୍ଷରୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ସୁଫଳ ମିଳିନାହିଁ । ତେଣୁ ବୁଧବାର ନାଗରିକ କମିଟି କର୍ମକର୍ତ୍ତା ନୂତନ ଭାବେ ଯୋଗଦେଇଥିବା କମିଶନର ପ୍ରଦୀପ କୁମାର ସାହୁଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି । ଧନୁପାଲି ଗୋପାଳଜୀ ମନ୍ଦିର ସମ୍ମୁଖ ପୋଖରୀ ଉନ୍ନତୀକରଣ, ପରିମଳ ବ୍ୟବସ୍ଥା, ଧନୁପାଲି ଛକର ପ୍ରଶସ୍ତୀକରଣ, ନାଳ ନିର୍ମାଣ ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ଦାମୋଦର କର, ବିଜୟଲକ୍ଷ୍ମୀ ବେହେରା, କପିଳେନ୍ଦ୍ର ସାହୁ, ଶ୍ୱେତକୁମାର ପଣ୍ଡା, ତପନ ଗୁରୁ, ଶରତ ପାଢ଼ୀ, ସୁଧିର ଦାଶ, ବିଦେଶୀ ସାନବଡ, କୃଷ୍ଣଚନ୍ଦ୍ର ସୋନାଲ ପ୍ରମୁଖ ସାମିଲ ଥିଲେ ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବଣ୍ଟନ

କୁଚିଣ୍ଡା, ୨୭।୧୦(ଡି.ଏନ.ଏ.): କୁଚିଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସମଗ୍ର ଶିକ୍ଷା ଅନ୍ତର୍ନିବେଶୀ ସଂଯୋଜକ ଅରୁଣ କୁମାର ଦାଶଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସିକନ୍ଦରାବାଦ ଏନ୍‌ଆଇଇପିଡି ସହକାରୀ ପ୍ରଫେସର ରାଜେନ୍ଦ୍ର କୁମାର ପ୍ରବୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ପିଲାଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କୁଚିଣ୍ଡାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ଚରଣ କୁସୁମ ଯୋଗଦେଇ ଦିବ୍ୟାଙ୍ଗ ପିଲାମାନେ ଭଲ ପାଠପଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ମୋଟ ୫୯ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ଜୀବନ ହାରିଲେ ସଦ୍‌ଭାବନା ଯାତ୍ରାର ଯାତ୍ରୀ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ମହତ୍ ଉଦ୍ଦେଶ୍ୟ ନେଇ ଯୋଡୋ ଭାରତ ଜୟ ଜଗତ ସ୍ଲୋଗାନ ସହ ଆରମ୍ଭ ହୋଇଥିବା ସଦ୍‌ଭାବନା ଯାତ୍ରାର ଯାତ୍ରୀ ଆଲବର୍ଟ କୁରେଶି (୫୩)ଙ୍କ ପାଇଁ ସମ୍ବଲପୁରରେ ଶେଷ ଯାତ୍ରା ହୋଇଛି। ଫଳରେ ବାଂଲାଦେଶର ଢାକାକୁ ତାଙ୍କ ଯାତ୍ରା ଅଧୁରା ରହିଯାଇଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ଜିଲା ସଦର ଡାକ୍ତରଖାନାରେ ଫ୍ରିଜରରେ ରଖିଛି। ଏ ନେଇ ପରିବାର ବର୍ଗଙ୍କୁ ଖବର ଦିଆଯାଇଛି। ସେମାନେ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ମହାରାଷ୍ଟ୍ର ଅହମ୍ମଦନଗରରୁ ଢାକାକୁ ସଦ୍‌ଭାବନାର ମହତ୍ ଉଦ୍ଦେଶ୍ୟ ନେଇ ୭୦ଜଣ ସଦସ୍ୟ ସାଇକେଲରେ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ ୨୫ ଜଣ ମହିଳା ଅଛନ୍ତି। ସେମାନେ ମହାରାଷ୍ଟ୍ରରୁ ବାହାରି ଝାଡ଼ଖଣ୍ଡ, ଛତିଶଗଡ ଦେଇ ଓଡ଼ିଶାରେ ପହଞ୍ଚିଥିଲେ। ବିଭିନ୍ନ ଜିଲା ଭ୍ରମଣ କରି ମଙ୍ଗଳବାର ବରଗଡ଼ ଜିଲା ଅତାବିରାରେ ରହଣି କରିଥିଲେ। ସେଠାରୁ ବୁଧବାର ସକାଳେ ବାହାରି ହୀରାକୁଦ ଡ୍ୟାମ୍ ପାଖରେ ପହଞ୍ଚିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ହୀରାକୁଦ ଡ୍ୟାମରୁ ବାହାରି ସମ୍ବଲପୁର ସହରକୁ ଆସୁଥିଲେ।



ସମ୍ବଲପୁରରେ ସଦ୍‌ଭାବନ ଯାତ୍ରା ଦଳର ଯାତ୍ରୀମାନେ।

**ଅଧୁରା ରହିଲା ଢାକା ଯାତ୍ରା**

ଏହି ସମୟରେ ଅଲବଟ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଯାତ୍ରାରେ ଥିବା ଗାଡିରେ ବସାଯାଇଥିଲା। କିଛି ସମୟ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଯାତ୍ରା କରୁଥିବା ଅନ୍ୟ ସାଥୀମାନେ ମାରୱାଡି ଧର୍ମଶାଳାରେ କିଛି ସମୟ ଆଶ୍ରୟ ନେଇଥିଲେ। ସେଠାରେ ଭାଜପା ସମଲେଇ ମଣ୍ଡଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଅପରାହ୍ନ ୪ଟାରେ ଆଲବର୍ଟଙ୍କୁ ଛାଡି ଅନ୍ୟ ସାଥୀମାନେ ଦେବଗଡ ଜିଲାକୁ ଯାତ୍ରା କରିଥିଲେ। ସେଠାରୁ କୋଲକାତା ଦେଇ ସେମାନେ ଢାକା ଯିବେ ବୋଲି କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ଉପକରଣ ବଣ୍ଟନ

ରେଢାଖୋଲ,୨୭।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ବୁଧବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ଉପକରଣ ବଣ୍ଟନ କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତି,ଏନ୍‌ଆଇଇପିଆଇଡି ଆସିଷ୍ଟାଣ୍ଟ ପ୍ରଫେସର ଗଜେନ୍ଦ୍ର କୁମାର ସାହୁ ଯୋଗଦେଇ ଏହି ଉପକରଣ ବ୍ୟବହାର ଉପରେ ସୂଚନା ଦେଇଥିଲେ। ରେଢାଖୋଲ, ଯୁଯୁମୁରା ଓ ନାକ୍ଟିଦେଉଳ ବ୍ଲକର ୫୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରମଣି ପ୍ରଧାନଙ୍କ ସମେତ ୩ ବ୍ଲକର ବିଆର୍‌ପି ଉପସ୍ଥିତ ରହି ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

# କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ

ସମ୍ବଲପୁର,୨୭।୧୦(ବ୍ୟୁରୋ)

କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ ହେଉଛି କଳା ଆଇନ। ଚାଷୀ ବିରୋଧୀ ଏହି ଆଇନକୁ ଦେଶର ବିଭିନ୍ନ ରାଜ୍ୟରେ ବିରୋଧ କରାଯାଉଛି। ଚାଷୀ ପ୍ରତି ପୂର୍ବରୁ ଥିବା ସରକାରଙ୍କ ଭାବନା ବଦଳି ଯାଇଛି। ଗାଁ ଛାଡ଼ ଚାଷ ଛାଡ଼ ଏଭଳି ବ୍ୟବସ୍ଥା କରିଛନ୍ତି ସରକାର। କମ୍ପାନୀ ହାତରେ ଜମି ଓ ଚାଷକୁ ଟେକିଦେଇ ଚାଷୀଙ୍କୁ କମ୍ପାନୀ ପାଖରେ ମଜୁରି କରିବାକୁ ଯୋଜନା କରାଯାଇଛି। ବିରୋଧ ହେଲେ ମଧ୍ୟ ସରକାର ଶୁଣୁ ନାହାନ୍ତି। ହେଲେ ଚାଷୀ ନିଜର ହକ୍, ସ୍ୱାଭିମାନ, ସମ୍ମାନ ପାଇଁ ଲଢେଇ ଜାରିରଖିବ। ଏପଟେ କେନ୍ଦ୍ର କୃଷି ଆଇନ ଓ ଅନ୍ୟପଟେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଚାଷୀ ସମାଜକୁ ତଳିତଳାନ୍ତ କରିଦେଉଛି ବୋଲି ବୁଧବାର ମାନେଶ୍ୱର ବ୍ଲକର ତବଲା, ଖୁଲିଆ, ଗମ୍ଭରାକଟା ପ୍ରଭୃତି ଗ୍ରାମରେ ଚାଷୀମାନେ ସରକାର ବିରୋଧରେ ବର୍ଷିଥିଲେ।

ଜିଲା କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନରେ ସ୍ଥାନୀୟ ବୀର ବଜରଙ୍ଗବାଲୀ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବୈଠକ ଆୟୋଜିତ ହୋଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ, ଜିଲା କୃଷକ ସଙ୍ଗଠନ ସଭାପତି ମୁରାରୀ ପୁରୋହିତ, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ଉମେଶ ମିଶ୍ର, ପ୍ରଦୀପ ପାତ୍ର, ଅଶ୍ୱିନୀ ହୋତା, ହରି ଶଙ୍କର ପୁରୋହିତ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତିନି କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତା ଦର୍ଶାଇଥିଲେ। ଏହି ଅବସରରେ ସେମାନେ ସ୍ୱାମିନାଥନ୍ କମିଶନଙ୍କ ସୁପାରିଶ କାର୍ଯ୍ୟକାରୀ କରି ଏମ୍‌ଏସ୍‌ପି ଲାଗୁ, କୃଷି ବୀମାରେ ଘରୋଇ କମ୍ପାନୀକୁ ବାଦ୍, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିପୂରଣ ରାଶି ହେକ୍ଟର ପିଛା ୨୦ ହଜାରକୁ ବୃଦ୍ଧି, ରାଜ୍ୟ ସରକାର ଆଣିଥିବା ଅଧାଦେଶ ପ୍ରତ୍ୟାହାର, ଟୋକନ୍ ଅବଧି ଏକମାସ କରିବା, ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ କ୍ରୟ, ମରୁଡି ଘୋଷଣା କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ।



ମାନେଶ୍ୱର ବ୍ଲକ ଖୁଲିଆ ଗ୍ରାମରେ ଚାଷୀଙ୍କ ବୈଠକ।

**ନୂତନ କୃଷି ଆଇନ କଳା ଆଇନ**

# ଜେଏସ୍‌ଡବ୍ଲ୍ୟୁ କାରଖାନା ଫାଟକରେ ତାଲାପକାଇ ଧାରଣା

ରେଙ୍ଗାଲି,୨୭।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ କାରଖାନା ଫାଟକରେ ସ୍ଥାନୀୟ ଲୋକେ ତାଲାପକାଇ ଧାରଣା ଦେଇଥିଲେ। ଆନ୍ଦୋଳନ କରିଥିବା ନିକଟସ୍ଥ ଆର୍‌ଆର୍ କଲୋନୀବାସୀ ଅଭିଯୋଗ କରିଥିଲେ, ବୁଧବାର ସନ୍ଧ୍ୟାରେ ସେମାନେ ସବୁଦିନ ଭଳି ଡ୍ୟୁଟି ସାରି ଘରକୁ ଫେରିଥିଲେ। ସେତେବେଳେ ଘର ଭିତରେ ଓ ବାହାରେ ପାଉଁଶ ଗୁଣ୍ଡ ପଡିଥିବା ଦେଖିଥିଲେ। ଏପରି କି ଖାଦ୍ୟସାମଗ୍ରୀ ଓ ଆସବାବପତ୍ର ଉପରେ ମଧ୍ୟ ପାଉଁଶ ପଡିଥିଲା। ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ କରି କଲୋନୀବାସୀ ସପରିବାର କାରଖାନ ମୁଖ୍ୟ ଫାଟକକୁ ରାତି ୯ଟାରୁ ବନ୍ଦ କରିଥିଲେ। ଏହାର ସ୍ଥାୟୀ ସମାଧାନ ନ ହେଲେ ଧାରଣାରୁ ଉଠିବେନାହିଁ ବୋଲି ଠେଲକଲୋଇର ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ରାଉତ କହିଛନ୍ତି। ଏ ବିଷୟରେ କମ୍ପାନୀର ପ୍ରଶାସନିକ ଅଧିକାରୀ ଡି.କେ. ସିହ୍ନା କହନ୍ତି, ୫ରୁ ୬ ଦିନ ହେବ କମ୍ପାନୀ ଶର୍ଟଡାଉନ ଥିଲା। ମରାମତି ପରେ ବୁଧବାର କାରଖାନ ଚାଲୁ କରାଯାଇଛି। ପାଉଁଶ ଉଡିଥିବ, ଗୁରୁବାରଠାରୁ ଆମେ ସଫା କରିବୁ ବୋଲି ପ୍ରକାଶ କରିଛନ୍ତି। କମ୍ପାନୀର ମାନବ ସମ୍ବଳ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ପାୱାର ପ୍ଲାଣ୍ଟ କିଛିଦିନ ବନ୍ଦ ପରେ ଚାଲିଥିଲା। ପ୍ରଥମେ ପାଉଁଶ ଗୁଣ୍ଡ ବାହାରିଥିଲା। ପରେ ସ୍ୱାଭାବିକ ଭାବେ ଚାଲିଛି। ଏହାକୁ ନେଇ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଲୋକଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇଛି।



ମୁଖ୍ୟ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି କଲୋନୀବାସୀ।

# ପାରୁଆଭାଡ଼ି ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

କୁଚିଣ୍ଡା, ୨୭।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ବୁଧବାର ଜୟ ଜଗନ୍ନାଥ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଉପଖଣ୍ଡ କୃଷି ଅଧିକାରୀ ଓ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି। ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁ ବ୍ୟାପକ ଧାନ ଫସଲ କ୍ଷତି ହୋଇଥିବାରୁ ଗତ ସେପ୍ଟେମ୍ବରରେ ସଙ୍ଗଠନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କ୍ଷେତ୍ର ପରିଦର୍ଶନ ନ କରି କୃଷି ବିଭାଗ ମାତ୍ର ୨୦ ପ୍ରତିଶତ ଫସଲ ହାନିର ଏକ ପ୍ରାଥମିକ ରିପୋର୍ଟ ସରକାରଙ୍କୁ ଦେଇଥିବା ସଙ୍ଗଠନ ଅଭିଯୋଗ କରିଛି। ତେଣୁ ଶୀଘ୍ର କ୍ଷେତ୍ର ପରିଦର୍ଶନ କରି ଶତପ୍ରତିଶତ ଫସଲ ହାନି ରିପୋର୍ଟ ପ୍ରଦାନ ସହ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଚାଷୀମାନେ ଦାବିପତ୍ର ଦେଇଛନ୍ତି। କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଜନାର୍ଦ୍ଦନ ପୃଷେଠ, ସମ୍ପାଦକ କୁଳମଣୀ ପୃଷେଠ, ଶିବ ନାରାୟଣ ନାୟକ, ଅସିତ ନାୟକ, ଫକିର ଚରଣ ଦାଶ, ତୁଳାରାମ ସାହୁ, ରଞ୍ଜିତ ପଟେଲ, ସାଧୁ ଦର୍କା, ପବିତ୍ର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ନାକଟିଦେଉଳ ବ୍ଲକରେ ବେଆଇନ ଗଞ୍ଜେଇ ଚାଷ

ନାକଟିଦେଉଳ,୨୭।୧୦(ଡି.ଏନ.ଏ.)

ପ୍ରାୟ ୩ବର୍ଷ ପରେ ନାକଟିଦେଉଳ ବ୍ଲକରେ ପୁଣି ଥରେ ଗଞ୍ଜେଇ ଚାଷ ଆରମ୍ଭ ହୋଇଛି। ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତର ହିତସରା ଗ୍ରାମରେ ବେଆଇନ ଗଞ୍ଜେଇ ଚାଷ ହୋଇଥିବା ସୂଚନା ପାଇବା ପରେ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ହିତସରା ଗ୍ରାମଠାରୁ ପ୍ରାୟ ୬କି.ମି. ଦୂର ଜଙ୍ଗଲ ଭିତରେ ପୃଥକ୍ ଭାବେ ୪ ପ୍ଲଟରେ ହୋଇଥିବା ଗଞ୍ଜେଇ ଚାଷ ଉପରେ ଚଢାଉ ହୋଇଥିଲା। ଏହି ସମୟରେ ୧୧ଡ଼େସିମିଲ ଜମିରୁ ସମୁଦାୟ ୧୪୫୦ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ତହସିଲଦାର ସୁକାନ୍ତ କୁମାର ନାଏକଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛଗୁଡିକୁ ନିଆଁ ଲଗାଇ ପୋଡ଼ିଦିଆଯାଇଛି। ଏହି ଚଢାଉରେ ନାକଟିଦେଉଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର, ବନାଞ୍ଚଳାଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର ଅନୀଲ କିସାନ, ଅବକାରୀ ଅଧୀକ୍ଷକ ଡ଼ମ୍ବରୁଧର ଖଣ୍ଡା, ରେଢାଖୋଲ ଅବକାରୀ ନିରୀକ୍ଷକ ବିଷ୍ଣୁ ପ୍ରସାଦ ମଲ୍ଲିକ, ସଦର ନିରୀକ୍ଷକ ଅନ୍ନପୂର୍ଣ୍ଣା ରଥ, ଅବକାରୀ ବିଭାଗର ଭ୍ରାମ୍ୟମାଣ ନିରୀକ୍ଷକ ପବିତ୍ର ମୋହନ ମାଝିଙ୍କ ସମେତ ପ୍ରାୟ ୮୦ଜଣ କର୍ମଚାରୀ ନିୟୋଜିତ ଥିଲେ। ସୂଚନାଯୋଗ୍ୟ କିଛିବର୍ଷ ପୂର୍ବରୁ ନାକଟିଦେଉଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ବେଆଇନ ଗଞ୍ଜେଇ ଚାଷ ହୋଇଆସୁଥିଲା। ତେବେ ପୋଲିସ, ଅବକାରୀ, ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ଏହି ଚାଷ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।



ଜଙ୍ଗଲରେ ମିଳିତ ଚଢାଉ କରାଯାଇ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

**୧୧ ଡେସିମିଲ ଜମିରୁ ୧୪୫୦ ଗଛ ନଷ୍ଟ**

# ଭାଜପାର ଗଡ଼ପୋଷ ପଞ୍ଚାୟତ ଘେରାଉ

କୁଚିଣ୍ଡା, ୨୭।୧୦(ଡି.ଏନ.ଏ.)

ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ, ଜଙ୍ଗଲ ଜମି ପଟ୍ଟା, ଭୂମିହୀନଙ୍କୁ ୪ ଡେସିମିଲ ଘରଡିହ ଯୋଗାଇଦେବା ଆଦି ୮ଦଫା ଦାବି ନେଇ ଭାଜପା ପକ୍ଷରୁ ବୁଧବାର ବାମରା ବ୍ଲକ ଗଡପୋଷ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, କେଶାଇବାହାଲ ମଣ୍ଡଳ ସଭାପତି ସୁନୀଲ ଦାଶ, ମହେଶ ରାୟ, ଭିରୁ ସିଂ, ଚିନ୍ମୟ ପଟେଲ, କୁଶଳେଶ୍ୱର ପ୍ରଧାନ, ହେମନ୍ତ ନାଏକ, ବସନ୍ତ ସିଂ ବରିହା, ସଞ୍ଜୟ ବରିହା, ଗନ୍ଦେ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।



ଆନ୍ଦୋଳନରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

# ମୃତ ଖବରଦାତାଙ୍କ ପରିବାରକୁ କୋଭିଡ୍ ସହାୟତା ପ୍ରଦାନ ଦାବି

ଝାରସୁଗୁଡ଼ା ଅଫିସ,୨୭।୧୦

ଝାରସୁଗୁଡା ଜିଲାରେ ଏକ ୱେବ ପୋର୍ଟାଲରେ କାର୍ଯ୍ୟ କରୁଥିବା ଖବରଦାତା ସୁବାସ ସାହାରେଙ୍କ ଗତ ଏପ୍ରିଲ ୨୮ରେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କୋଭିଡ୍ ସରକାରୀ ସହାୟତା ରାଶି ଯୋଗାଇ ଦେବା ପାଇଁ ଦାବି ହେଉଛି। ଏ ନେଇ ବୁଧବାର ସ୍ୱର୍ଗତ ଖବରଦାତାଙ୍କ ସ୍ତ୍ରୀ ଗୀତା ସାହାରେ, ଖବରଦାତା ତପସିଲଲା ତିୱାରୀ, ସନ୍ତୋଷ ମିଶ୍ର ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଚଳିତବର୍ଷ ଝାରସୁଗୁଡା ଜିଲାରେ କରୋନା ମହାମାରୀ ଉଗ୍ରରୂପ ନେଇଥିଲା । ଏହି ସମୟରେ ଖବରଦାତା ସାହାରେ ଥଣ୍ଡା, କାସ ଓ ଜ୍ୱରରେ ପୀଡିତ ହୋଇଥିଲେ। ସେ ଆଣ୍ଟିଜେନ୍ ପରୀକ୍ଷା କରାଇବାପରେ ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା । ହେଲେ ସୁବାସଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନ ଥିଲା । ଫଳରେ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ସିଟି ସ୍କାନ୍ କରାଇଥିଲେ। ଏଥିରେ ସୁବାସ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ପରିବାର ଲୋକେ ଏହି ରିପୋର୍ଟକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଇ କୋଭିଡ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର ପାଇଁ ଅନୁରୋଧ କରିଥିଲେ । ହେଲେ କର୍ତ୍ତୃପକ୍ଷ ଶୁଣି ନ ଥିଲେ । ଫଳରେ ସୁବାସ ଉପଯୁକ୍ତ କୋଭିଡ୍ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିଥିଲେ । ଜିଲା ପ୍ରଶାସନ ତରଫରୁ ତାଙ୍କ ମୃତଦେହକୁ ସ୍ୱତନ୍ତ୍ର କୋଭିଡ୍ ଶ୍ମଶାନରେ ସଂସ୍କାର କରାଯାଇଥିଲା। ତେଣୁ ସୁବାସଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଛି ବୋଲି ପରିବାର ଦାବିକରି ସହ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର

ପଡିଆବାହାଲ,୨୭।୧୦(ଡି.ଏନ.ଏ.)

ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ଭାରତୀୟ ଜନତା କୃଷକ ମଞ୍ଚ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମଣ୍ଡଳ ସଭାପତି ବିନୋଦ ମେହେରଙ୍କ ନେତୃତ୍ୱରେ ଏକ କୃଷକ ପ୍ରତିନିଧି ଦଳ ବୁଧବାର ପଡିଆବାହାଲ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ୨୦୨୦-୨୧ ଖରିଫ ଓ ରବି ଋତୁରେ ଅଦିନ ବର୍ଷା, ରୋଗ ପୋକ ଯୋଗୁ ଫସଲ କ୍ଷତି ହୋଇଥିଲେ ମଧ୍ୟ ଏଯାଏ ବୀମାରାଶି ଠିକ୍ ଭାବେ ମିଳିନାହିଁ। ବର୍ତ୍ତମାନ ଅଣଜଳସେଚିତ ଜମିରେ ଫସଲ ଅମଳ ପୂର୍ବରୁ ହାତୀ ଓ ବାରହା ନଷ୍ଟ କରିଚାଲିଛନ୍ତି। ଫଳରେ ଚାଷୀକୁଳ ଚିନ୍ତାରେ ରହିଛନ୍ତି। ସପ୍ତାହକ ଭିତରେ ବନ୍ୟଜନ୍ତୁ କ୍ଷୟକ୍ଷତି ଆକଳନ ସହ ହାତୀପଲ ଘଉଡାଇବା ବ୍ୟବସ୍ଥା ନ କଲେ ବନ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ରେଞ୍ଜର ଗାଁ ଲୋକଙ୍କ ସହଯୋଗରେ ହାତୀ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପ୍ରତିନିଧି ଦଳରେ ରୁଦ୍ରପ୍ରସନ୍ନ ବଡପଣ୍ଡା, ଶଙ୍କର ଭୋଇ, ବିପିନ ଭୋଇ, ସନାତନ ଭୁଏ, ପ୍ରହ୍ଲାଦ ଭୁଏ, ପରମେଶ୍ୱର ପଧାନ, କୁଶ ରାଉତ, ସନ୍ତୋଷ କାଲୋ, ରାଜାରାମ ଷଣ୍ଢ ପ୍ରମୁଖ ଚାଷୀ ସାମିଲ ହୋଇଥିଲେ।



ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ଗଛକଟା ପରେ ସ୍କ୍ରାପ୍ ଚୋରା ଚାଲାଣ

ଝାରସୁଗୁଡ଼ା ଅଫିସ,୨୭।୧୦

ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍‌ର ବିବାଦ ପିଛା ଛାଡୁନି। ୮ମାସ ତଳେ ସ୍କୁଲ ପରିସରରୁ ବେଆଇନ ଭାବେ ୧୩୧ଗୋଟି ମୂଲ୍ୟବାନ ଗଛ କଟାଯାଇ ମାଟିତଳେ ପୋତାଯାଇଥିଲା। ପୁରାତନ ଛାତ୍ରମାନେ ଘଟଣା ସାମ୍ନାକୁ ଆଣିବା ପରେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏବେ ପୁଣି ଗତ ଅଗଷ୍ଟ ୧୮ରେ ସ୍କୁଲ ପରିସରରେ ଥିବା ପୁରୁଣା ମେଶିନ୍ (ଲୁହା ସ୍କ୍ରାପ୍) ଚୋରା ଚାଲାଣ କରାଯାଇଛି। ଏ ନେଇ ପୁରାତନ ଛାତ୍ରମାନେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଜିଲାପାଳ ସରୋଜ କୁମାର ସାମଲଙ୍କ ନିକଟରେ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ (କଟକ), ବୈଷୟିକ ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ବିଭାଗୀୟ ନିୟମ ଅନୁଯାୟୀ ସ୍କୁଲରେ ଥିବା ଅଚଳ ଯନ୍ତ୍ରପାତିକୁ ସ୍କ୍ରାପ୍‌ରେ ବିକ୍ରି କରିବା କଥା। କର୍ତ୍ତୃପକ୍ଷ ଏହା ନ କରି କେତେକ ସ୍କ୍ରାପ୍‌କୁ ଚୋରା ଚାଲାଣ କରିଛନ୍ତି। ଗତ ଅଗଷ୍ଟ ୧୮ରେ ଏକ ଗାଡି ସ୍କୁଲ୍ ପରିସରରେ ପ୍ରବେଶ କରି ପୁରୁଣା ମେଶିନ (ସ୍କ୍ରାପ୍) ବୋଝେଇକରି ବାହାରକୁ ବାହାରିଥିଲା। ଏହାର ସତ୍ୟାସତ୍ୟ ଜାଣିବାପାଇ ସ୍କୁଲ୍ ଫାଟକରେ ଥିବା ସିସିଟିଭି ଯାଞ୍ଚ କରିବା ପାଇଁ ପୁରାତନ ଛାତ୍ରମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲାରେ ଏହି ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ର ପରିଚୟ ରହିଥିବାବେଳେ ବାରମ୍ବାର ଏଭଳି ଘଟଣା ଘଟିବା ଫଳରେ ସ୍କୁଲର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ଦର୍ଶାଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ସ୍କୁଲ୍ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଖୁରାଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ଅଜାଣତରେ ଏକ ଗାଡି ସ୍କୁଲ୍ ଭିତରେ ପ୍ରବେଶ କରିଥିଲା। ସେ ଜାଣିବା ପରେ ସ୍କୁଲ୍ ଭିତରୁ ଗାଡି ବାହାରକୁ ଚାଲିଯାଇଥିଲା। କୌଣସି ସ୍କ୍ରାପ୍ ଚୋରା ଚାଲାଣ ହୋଇନାହିଁ। ତଦନ୍ତକୁ ସେ ସ୍ୱାଗତ କରୁଥିବା କହିଛନ୍ତି। ସ୍ମାରକପତ୍ରରେ ପୁରାତନ ଛାତ୍ର ରତ୍ନାକର ପ୍ରଧାନ, ସତ୍ୟ ନାରାୟଣ ରାଓ, ପ୍ରଭାକର ଓରାମ, ରମେଶ ଚନ୍ଦ୍ର ପ୍ରଧାନ, ଅଜିତ ରଥ, ଦେବାନନ୍ଦ ବାରିକ, ଚିତ୍ତରଞ୍ଜନ ବେହେରା, ଶିବ ଚରଣ ବେହେରାଙ୍କ ଦସ୍ତଖତ ରହିଛି ।



ପୁରାତନ ଛାତ୍ରମାନେ ଡେପୁଟି କଲେକ୍ଟର ପୁନମ ବାଗେଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍**
**■ଜିଲାପାଳଙ୍କ ନିକଟରେ ପୁରାତନ ଛାତ୍ରଙ୍କ ଅଭିଯୋଗ**

# ବିନା ସ୍ଲଟର ହାଉସ୍‌ରେ ଚାଲିଛି ମାଂସକଟା

**ରାଉରକେଲା ଅଫିସ, ୨୭।୧୦:**

ରାଉରକେଲା ସହର ସ୍ମାର୍ଟସିଟିରେ ମାନ୍ୟତା ପାଇବା ପରେ ବିଭିନ୍ନ ସ୍ଥାନରେ ଚାଲିଛି ଉନ୍ନତିମୂଳକ କାର୍ଯ୍ୟ। ସହରକୁ ସୌନ୍ଦର୍ଯ୍ୟକରଣ କରିବା କେଉଁଠି ପାର୍କ ନିର୍ମାଣ କରାଯାଉଛି ତ ଆଉ କେଉଁଠି ଭେଣ୍ଡିଂଜୋନ ତିଆରି କରାଯାଉଛି। ଏହି ଭେଣ୍ଡିଂଜୋନ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିଲେ ମଧ୍ୟ ଏଥିରେ କୌଣସି ବିଧିବଦ୍ଧ ଭାବେ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ସେମାନେ ମନଇଛା ନିଜର କାରବାର କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ସହରରେ ଅନେକ ସ୍ଥାନରେ ପରିବା ବଜାର, ମାଛ ବଜାର ଓ ମାଂସକଟା ଦୋକାନ ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରରେ ବିଭିନ୍ନ ବଜାର ରାସ୍ତାକଡରେ ଚାଲୁଥିଲେ ମଧ୍ୟ ମାଂସକଟା ହେବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଦରକାର। ମାତ୍ର ବିଡମ୍ବନାର ବିଷୟ ଏହି ଯେ, ରାଉରକେଲା ସହରରେ ଯେଉଁ ଯେଉଁ ସ୍ଥାନରେ ମାଂସ କଟା ଯାଉଛି ସେଠି କୌଣସି ସ୍ଲଟରହାଉସ ନାହିଁ। ଏମିତିକି ବହୁ ବ୍ୟବସାୟୀ ଧାର୍ମିକ ଅନୁଷ୍ଠାନ ଓ ବିଦ୍ୟାଳୟ ରାସ୍ତାକଡକୁ ବାଦ ଦେଇନାହାନ୍ତି। ରାସ୍ତାକଡ଼ରେ ପରିବା ବିକାଳି ଭଳି ମାଂସ କଟାଳିମାନେ ବାସନ୍ତୀ କଲୋନୀ ଡିଏଭି ସ୍କୁଲ ରୋଡ, ଏସଟିଆଇ ଛକ, ସିଭିଲଟାଉନଶିପ, ଉଦିତନଗର, ରେଲବାଇ କଲୋନୀ, ଟିମ୍ବର କଲୋନୀ, ଛେଣ୍ଡ ସ୍ଥିତ ମା'ଭୁବନେଶ୍ୱରୀ ମନ୍ଦିର ରୋଡ ଓ ଟିମ୍ବର କଲୋନୀ, ନୟାବଜାର


ଦିବ୍ୟଜ୍ୟୋତି ପରିଡ଼ା

ପ୍ରଭୃତି ଜାଗାର ମୁଖ୍ୟ ରାସ୍ତା ଉପରେ ମାଂସକଟା ଦୋକାନ ଖୋଲି ବ୍ୟବସାୟ କରୁଛନ୍ତି। ଏହି ସବୁ ଅଞ୍ଚଳରେ ଥିବା ଦୋକାନଗୁଡ଼ିକରେ କୌଣସି ସ୍ଲଟର ହାଉସ ନାହିଁ। ସକାଳେ ହେଲେ ବିଭିନ୍ନ ମାଂସ କଟାଳି ବ୍ୟବସାୟୀମାନେ ରାସ୍ତାକଡ଼ରେ ଛେଳିଙ୍କୁ ବାନ୍ଧି ଖୋଲମଖୁଲା ଗଛରେ ଟାଙ୍ଗି ମାଂସ କାଟୁଛନ୍ତି। ଫଳରେ ଏହି ରାସ୍ତାରେ ଯାଉଥିବା ଲୋକଙ୍କ ମନରେ ଏକ ନକରାତ୍ମକ ମନୋଭାବ ସୃଷ୍ଟି ହେଉଛି। ବିଶେଷକରି ଏହି ରାସ୍ତାରେ ବିଦ୍ୟାଳୟକୁ ଯାଉଥିବା କୋମଳମତି ଶିଶୁଙ୍କ ଉପରେ ହିଂସାତ୍ମକ ପ୍ରଭାବ ପଡୁଛି। ସେହିଭଳି ଯେଉଁ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ନିରାମିଷ ଜୀବନ ବିତାଉଛନ୍ତି ସେମାନେ ଏହି ଖୋଲମଖୁଲା ମାଂସକଟା ରକ୍ତାକ୍ତ ଦୃଶ୍ୟ ଦେଖି ମାନସିକ ଆଶାନ୍ତି ରହୁଥିବା ଅଭିଯୋଗ ହୋଇଛି। ବିଶେଷକରି ଜଣେ ବ୍ୟବସାୟୀ ସାଂସ ଦୋକାନ ଖୋଲିବାକୁ ହେଲେ ମହାନଗର ନିଗମର ଅନୁମତି ନେବାକୁ ପଡ଼ିଥାଏ। କିନ୍ତୁ ଏଠାରେ ବିଭିନ୍ନ ବ୍ୟବସାୟୀ ସ୍ଥାନୀୟ ପ୍ରଶାସନ ଓ ଆରଏମ୍‌ସିର ବିନା ଅନୁମତିରେ ମନଇଛା ରାସ୍ତାକଡ଼ରେ ମାଂସ ଦୋକାନ


ବିଜୟ କୁମାର ମହାନ୍ତି

କରି ବ୍ୟବସାୟ ଚଳାଇଛନ୍ତି। ଆଇନଗତ ଅନୁଯାୟୀ ଏକ ଆବଦ୍ଧ ସ୍ଥାନ ବା କୌଣସି ସ୍ଲଟର ହାଉସ ମଧରେ ମାଂସ କାଟିବା କଥା। କିନ୍ତୁ ସ୍ମାର୍ଟସିଟିରେ ବାସ କରୁଥିବା ବିଭିନ୍ନ ମାଂସ ବ୍ୟବସାୟୀ ଏହି ନିୟମକୁ ସମ୍ପୂର୍ଣ୍ଣ ଭାବେ ବେଖାତିର କରି ନିଜର ବ୍ୟବସାୟ ଜାରି ରଖିଛନ୍ତି। ଏନେଇ ରାଉରକେଲା ଜାଗରଣ ମଞ୍ଚର ସଭାପତି ଅମିତାଭ ସାମଲ କହିଛନ୍ତି, ରାଜ୍ୟ ସରକାରଙ୍କ ନିୟମ ଅନୁସାରେ କୌଣସି ସାର୍ବଜନୀନ ସ୍ଥାନରେ ମାଂସ କାଟିବା ଅନୁଚିତ। ମାଂସ କାଟିବା ପାଇଁ ହେଲେ ସ୍ୱତନ୍ତ୍ର ସ୍ଲଟରହାଉସର ବ୍ୟବସ୍ଥା ରହିବା ନିତାନ୍ତ ଆବଶ୍ୟକ। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଧ୍ୟାନ ଦେବା ଜରୁରୀ। ସେହିଭଳି ଇଡକୋ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ମହାନ୍ତି କହିଛନ୍ତି, ସହରରେ ଏଭଳି ବେଆଇନ ଭାବେ ଖୁଲମଖୁଲା ମାଂସ କାଟିବା ଅନୁଚିତ। କାରଣ ମାଂସର ରକ୍ତାକ୍ତ ଅବସ୍ଥା କୋମଳମତି ଶିଶୁଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସାଧାରଣତଃ ଛୋଟଛୁଆମାନେ ଏହି ଦୃଶ୍ୟ ଦେଖି ହିଂସାତ୍ମକ ମନୋଭାବ ଆଡ଼କୁ


ଅମିତାଭ ସାମଲ


ରାଉରକେଲାରେ ରାସ୍ତା ପାର୍ଶ୍ୱରେ ମାଂସ କଟା ଯାଉଛି।

ଗତିକରିବା ସଙ୍ଗେ ସଙ୍ଗେ ଜୀବମାନଙ୍କ ପ୍ରତି ସେମାନଙ୍କର ଦୟା ଭାବ ରହେ ନାହିଁ। ତେଣୁ ସହରରେ ମାଂସ କାଟିବା ପାଇଁ ସ୍ୱତନ୍ତ୍ର ସ୍ଲଟର ହାଉସ ବ୍ୟବସ୍ଥା ହେବା ନିହାତି ଆବଶ୍ୟକ। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଅନେକ ଭେଣ୍ଡିଂଜୋନ ଦୋକାନ ହେବାର ଅଛି। ଏହି ସବୁ ଦୋକାନରେ ଆମେ ସ୍ୱତନ୍ତ୍ର ମାଂସ ବ୍ୟବସାୟୀଙ୍କ ପାଇଁ ସ୍ଲଟର ହାଉସର ବ୍ୟବସ୍ଥା ସାଙ୍ଗକୁ ଡ୍ରେନେଜ ସିଷ୍ଟମ କରିବୁ। ମାଂସ କାଟୁଥିବା ବିଭିନ୍ନ ବ୍ୟବସାୟୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଖୋଲାଖୋଲି ଭାବେ ମାଂସ ନ କାଟିବା ପାଇଁ ଅବଗତ କରାଇବୁ। ସ୍ଲଟରହାଉସ ବିନା ଯଦି କୌଣସି ଦୋକାନି ମାଂସ କାଟନ୍ତି ଓ ଆମ ପାଖରେ ଅଭିଯୋଗ ହୁଏ ତାହେଲେ ଆମେ ତୁରନ୍ତ ସେହି ବ୍ୟବସାୟୀଙ୍କ ଉପରେ କଡ଼ା ପଦକ୍ଷେପ ନେବୁ।

## ପଞ୍ଚାୟତ ନିର୍ବାଚନ: ପଦବୀ ସଂରକ୍ଷଣର ଚୂଡାନ୍ତ ତାଲିକା ପ୍ରକାଶିତ

ସୁନ୍ଦରଗଡ, ୨୭।୧୦ (ଡି.ଏନ୍.ଏ)ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ ଜିଲାର ସମସ୍ତ ୧୭ଟି ବ୍ଲକର ଅଧ୍ୟକ୍ଷା, ଅଧକ୍ଷ ପଦବୀ ପାଇଁ ସଂରକ୍ଷଣ ଚୂଡାନ୍ତ ତାଲିକା ବୁଧବାର ପ୍ରକାଶିତ ହୋଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ଓଡିଶା ପଞ୍ଚାୟତ ସମିତି ଆଇନ୍ -୧୯୫୯ର ଧାରା ୧୬ (୨) (ଙ)ପ୍ରକାରେ ଏବଂ ଓଡିଶା ପଞ୍ଚାୟତ ସମିତି ସଂଶୋଧିତ ଆଇନ ୧୯୯୫ ଅନୁସାରେ ଏହି ଘୋଷଣା କରିଛନ୍ତି। ଜିଲାର କୁଆଁରମୁଣ୍ଡା, କୋଇଡା, ଟାଙ୍ଗରପାଲି, ନୂଆଁଗାଁ. ବଣାଇଁଗଡ, ବିଶ୍ରା, ରାଜଗାଙ୍ଗପୁର, ସବଡେଗା ଓ ଲହୁଣୀପଡା ବ୍ଲକ ଅଧକ୍ଷ ପଦ ଅନୁସୂଚିତ ଜନଜାତି ମହିଳାଙ୍କ ସକାଶେ ସଂରକ୍ଷିତ ରହିଛି । କୁତ୍ରା, ଗୁରୁଣ୍ଡିଆ, ବଡଗାଁ, ବାଲିଶଙ୍କରା, ସୁନ୍ଦରଗଡ ସଦର, ହେମଗିର, ଲାଠିକଟା ଓ ଲେଫ୍ରିପଡା ବ୍ଲକ ଅଧକ୍ଷ ପଦ ଜନଜାତିଙ୍କ ସକାଶେ ସଂରକ୍ଷିତ ରହିଛି। ସେହିପରି ଜିଲାର ୨୭୯ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ ସଭ୍ୟ ପଦବୀ ସକାଶେ ମଧ୍ୟ ସଂରକ୍ଷଣ ଚୂଡାନ୍ତ ତାଲିକା ଜିଲାପାଳ ଘୋଷଣା କରିଛନ୍ତି।

## ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ଦୁର୍ନୀତି ନିବାରଣ ସପ୍ତାହ

ସୁନ୍ଦରଗଡ,୨୭।୧୦(ଡି.ଏନ୍.ଏ)
ଏନଟିପିସି ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ତରଫରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଏସପି ସାଗରିକା ନାଥ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ନିଜ କ୍ଷେତ୍ରରେ ସ୍ୱଚ୍ଛତା ଓ ସଂହତି ବଜାୟ ରଖିଲେ ଏକ ଦୁର୍ନୀତିମୁକ୍ତ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ପ୍ରକଳ୍ପର ଜେନେରାଲ ମ୍ୟାନେଜର ଶିବମ ଶ୍ରୀବାସ୍ତବ ଏହି ସଭାରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଏକ ଶପଥପାଠ ଅନୁଷ୍ଠିତ ହୋଇଥିଲା।

## ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଉରକେଲା ଅଫିସ, ୨୭।୧୦:**
ସେକ୍ଟର-୫ସ୍ଥିତ ପାନ୍ଥନିବାସ ନିକଟରେ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ କୁମାର ଭିସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ୧୯୬୪ରୁ ଆର୍‌ଏସ୍‌ପିର ଏକ ଭଡା ଘରେ ଏହି କାର୍ଯ୍ୟାଳୟ ଚାଲୁଆସୁଥିଲା। ପୋଲିସ ହାଉସିଂ ବିଭାଗ ପକ୍ଷରୁ ଏହି ନୂତନ ବିଲଡିଂ ନିର୍ମାଣ କରାଯାଇଛି। ପଶ୍ଚିମ ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼ ଓ ରାଉରକେଲାକୁ ନେଇ ଏହି କାର୍ଯ୍ୟାଳୟ କାର୍ଯ୍ୟ କରିବ। ଏହି ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ଜୟନାରାୟଣ ପଙ୍କଜ, ରାଉରକେଲା ଏସପି ମୁକେଶ କୁମାର ଭାମୁ, ଅତିରିକ୍ତ ଏସପି ବିକ୍ରମ କେଶରୀ ଭୋଇଙ୍କ ସହ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସେବାରୁ ବଞ୍ଚିତ ଉପଭୋକ୍ତା

ଲହୁଣୀପଡା, ୨୭।୧୦(ଡି.ଏନ.ଏ.)
ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ସାନବାସୁବାହାଲ ଏବଂ ଶଙ୍ଖପୋଷ ପଞ୍ଚାୟତ ସାନ ଅର୍ଜୁନଚୁଆଁ ଗ୍ରାମବାସୀ ଅନେକ ଦିନ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବେ ବଜ୍ରପାତ ଯୋଗୁ ସାନବାସୁବାହାଲରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳି ଯାଇଥିଲା। ଏସମ୍ପର୍କରେ ଗ୍ରାମବାସୀ ବାରମ୍ବାର ରାଜାମୁଣ୍ଡାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଦାବି କରିଥିଲେ। ଅନେକ ଦିନ ବିତି ଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଉଭୟ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ସରକାର ଅପହଞ୍ଚ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସୌଭାଗ୍ୟ ଯୋଜନାରେ ସମସ୍ତଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ଯୋଜନା କରୁଛନ୍ତି। ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ପାଇଥିବା ଗ୍ରାମବାସୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାର କାରଣ ଜଣାପଡୁ ନାହିଁ। ଏଣୁ ଉକ୍ତ ଉଭୟ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ସେବାରୁ ବଞ୍ଚିତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏଥିପ୍ରତି ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଛି।

## ପାଗଳା କୁକୁର କାମୁଡାରେ ୧୦ ଆହତ

**ଦେବଗଡ଼,୨୭।୧୦(ଡି.ଏନ୍.ଏ.)**

ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ତାଲକୁଣ୍ଡି ଏବଂ ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମରେ ବୁଧବାର ପାଗଳା କୁକୁର ଆତଙ୍କ ଦେଖାଦେଇଛି। ପାଗଳା କୁକୁର ଆକ୍ରମଣରେ ସମ୍ପୃକ୍ତ ଅଞ୍ଚଳର ୧୦ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ଆହତମାନଙ୍କ ମଧ୍ୟରୁ କେତେକ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଘରକୁ ଫେରି ଯାଇଥିବାବେଳେ ଆଉ କେତେକ ଏବେ ମଧ ସେଠାରେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନରେ ଏକ ପାଗଳା କୁକୁର ତିଲେଇବଣି ବ୍ଲକ ତାଲକୁଣ୍ଡି ଗ୍ରାମ ପଞ୍ଚାୟତର ମଧୁପୁର ଗ୍ରାମର ଅଇଁଠା ପ୍ରଧାନଙ୍କୁ କାମୁଡିଥିଲା। ଫଳରେ ଅଇଁଠାଙ୍କର ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ପରେ ଉକ୍ତ କୁକୁର ନିକଟସ୍ଥ ଦେଓଝରଣ ଗ୍ରାମର


ପାଗଳା କୁକୁର କାମୁଡ଼ାରେ ଆହତ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି।

୨ଜଣଙ୍କୁ କାମୁଡିଥିଲା। ଫଳରେ ତିନିହେଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚିକିତ୍ସିତ ହେବା ପରେ ଘରକୁ ଫେରିଯାଇଥିଲେ। ଗ୍ରାମବାସୀ ଉକ୍ତ ପାଗଳ କୁକୁରକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ହେଁ ସେ କାମୁଡିବାକୁ ଉଦ୍ୟମ କରୁଥିବାରୁ ଏଥିରେ ବିଫଳ ହୋଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ଉକ୍ତ କୁକୁରଟି ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର ନେଦିଆମ୍ବ ଗ୍ରାମର ବସନ୍ତ କୁମାର ବିଶ୍ୱାଳ, ବସନ୍ତଙ୍କ ମା' ମଥୁରା ଓ ଉକ୍ତ ଗ୍ରାମର ମାଗ୍ରିଟା କୁଲୁଙ୍କୁ ଆକ୍ରମଣ କରିଥିଲା। ଅନୁରୂପ ଭାବେ ଉକ୍ତ ପାଗଳା କୁକୁର ନିକଟସ୍ଥ ଚୂନଭାଟି (ପେଣ୍ଡ୍ରାଖୋଳ) ଗ୍ରାମକୁ ଯାଇ ଉକ୍ତ ଗ୍ରାମର ମୋଟାଇ ପୂର୍ତ୍ତୀ , ସମ୍ବାର ପୂର୍ତ୍ତୀ ଓ ବଡ ଡଙ୍ଗାଘାଟ ଗ୍ରାମର ଶାନ୍ତିଲତାଙ୍କୁ କାମୁଡିଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଗ୍ରାମବାସୀ ଉକ୍ତ ପାଗଳା କୁକୁରକୁ ମାରିବାକୁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଉପରୋକ୍ତ ଆହତଙ୍କ ବ୍ୟତୀତ ଆହୁରି ଅନେକ ବ୍ୟକ୍ତି କୁକୁର କାମୁଡାରେ ଆହତ ହୋଇଥିବା ଶୁଣିବାକୁ ମିଳୁଛି। ରାତିର ଅନ୍ଧକାର ମଧରେ ଉକ୍ତ ପାଗଳା କୁକୁରକୁ ଠାବ କରାଯାଇ ପାରୁ ନ ଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଡାଲମିଆ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ଶିବିର

**କୁତ୍ରା, ୨୭।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ଼. ହିରନ ଲୁଗୁନ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉଦଘାଟନୀ ଉତ୍ସବରେ ଜାତୀୟ ସେବା ଯୋଜନା ଅଧିକାରୀ ଚିତ୍ତରଞ୍ଜନ ପାତ୍ର, ଜୁମାଲ ସିଂ ଓ ସୁଶ୍ରୀ ସୁମିତ୍ରା ସେଠୀ ଉପସ୍ଥିତ ରହି ଉଦଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ମହାବିଦ୍ୟାଳୟର ବରିଷ୍ଠ ମୁଖପାତ୍ର ମୀନକେତନ ବେହେରା, ସିଆର ମହାନ୍ତି, ଡ଼. ତବସୁମ ବାନୁ, ସଙ୍ଗୀତା ପଟନାୟକ, ଜିତେନ୍ଦ୍ର କୁମାର ପଟେଲ ଓ ଅନ୍ୟାନ୍ୟ ଅଧକ୍ଷ ଅଧକ୍ଷା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରଥମେ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଇଥିଲା ଏବଂ ପରେ ଏନଏସଏସ ଛାତ୍ର ଛାତ୍ରୀଙ୍କୁ ୩ ଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ଯଥା ୟୁନିଟ-୧,ୟୁନିଟ-୨, ୟୁନିଟ-୩ ଓ ତିନୋଟି ଗ୍ରୁପକୁ ଝାରବେଡା ଗ୍ରାମ ପଞ୍ଚାୟତର ୩ ଟି ଗ୍ରାମକୁ ଗୋଟେ ଗୋଟେ ଗ୍ରୁପ ଯାଇ ସାଧାରଣ ଲୋକଙ୍କୁ କରୋନା ସଂକ୍ରମଣ,ସମସ୍ତଙ୍କୁ ଟିକା ନେବା ପାଇଁ, ଶିକ୍ଷା ଆଦି ବିଷୟରେ ସଚେତନତା କରିଥିଲେ। ଆଗାମୀ ଦିନରେ ଅନ୍ୟ ଗ୍ରାମଗୁଡିକକୁ ଯାଇ ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନତା କରାଯିବ ବୋଲି କହିଛନ୍ତି ଅଧକ୍ଷ ଡ଼ ହିରନ ଲୁଗୁନ।

## ଯୌତୁକ ନିର୍ଯାତନା ଅଭିଯୋଗ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ

**ବଡ଼ଗାଁ,୨୭।୧୦(ଡି.ଏନ୍.ଏ.)**
ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଭଙ୍ଗାମୁଣ୍ଡା ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘରେ ଯୌତୁକ ଦାବି କରି ନିର୍ଯାତନା ଦେବା ନେଇ ଲିଖିତ ଅଭିଯୋଗ ହେବାର ୨୦ଦିନ ବିତି ଯାଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ୍। ଘଟଣା ହେଲା, ଭଙ୍ଗାମୁଣ୍ଡା ଗ୍ରାମର ତୁଳସା ଜୟପୁରିଆଙ୍କ ବିବାହ ରାଜଗାଙ୍ଗପୁର ଥାନା ମାଲିଡିହି ଗ୍ରାମର ଗୋପାଳ ବାଦୀଙ୍କ ସହିତ ହୋଇଥିଲା। ୨୦୨୦ ମାର୍ଚ୍ଚ ୩ ତାରିଖ ବିବାହ ହେଲା ପରେ ୧୩ ତାରିଖ ସୋଫାସେଟ ଓ ବାଇକ ଦାବି କରି ସ୍ୱାମୀ ଗୋପାଳ ମାଡ଼ଗାଳି ଦେଇଥିଲେ। ଏହାପରେ ଅଧିକାଂଶ ଦିନ ମାଡ଼ଗାଳି ଦେଇଆସୁଥିଲେ। ୨୦୨୦ ମସିହା ଦଶହରା ସମୟରେ ତୁଳସା ବାପଘର ଆସିଥିଲେ। ଏହି ସମୟରେ ପରିବାର ଲୋକେ ଗୋପାଳଙ୍କୁ ମାଡ଼ଗାଳି ଦେଇଥିବାରୁ ଝିଅକୁ ଛାଡ଼ିବୁ ନାହିଁ ବୋଲି କହିବାରୁ ସେ ଆଉ କେବେ ମାଡ଼ଗାଳି ଦେବେ ନାହିଁ ବୋଲି ଲେଖି ଦେଇଥିଲେ। କିନ୍ତୁ ସ୍ତ୍ରୀଙ୍କୁ ନେଇ ଘରକୁ ଯିବାପରେ ରାତିରେ ନିସ୍ତୁତ ମାଡ଼ ମାରିଥିଲେ। ଜୀବନ ବଞ୍ଚାଇବା ପାଇଁ ତୁଳସା ଜଙ୍ଗଲ ରାସ୍ତାରେ ଚାଲି ଚାଲି ରାତିରେ ରାଜଗାଙ୍ଗପୁର ଥାନାକୁ ଆସିଥିଲେ। ସକାଳେ ତାଙ୍କ ବାପା ଶଙ୍କର ଜୟପୁରିଆ ଝିଅକୁ ଥାନାରୁ ଘରକୁ ଆଣିଥିଲେ। ଅଗଷ୍ଟ ୨୯ ତାରିଖ ଭଙ୍ଗାମୁଣ୍ଡା ଗ୍ରାମରେ ସମାଜର ବ୍ଲକ ଓ ଜିଲା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମାଧାନ ପାଇଁ ବୈଠକ ହୋଇଥିଲା। ସେଠାରେ ସ୍ୱାମୀ ସ୍ତ୍ରୀ ପରସ୍ପର ଠାରୁ ଦୂରେଇ ରହିବେ ବୋଲି କହିଥିଲେ ଓ ସେପ୍ଟେମ୍ବର ୧୯ ତାରିଖ ବିବାହ ସମୟରେ ଦିଆଯାଇଥିବା ସମସ୍ତ ସାମଗ୍ରୀ ଫେରାଇ ଦେବେ ବୋଲି ସ୍ୱାମୀ ଗୋପାଳ କହିଥିଲେ। କିନ୍ତୁ ଏହାପର ଠାରୁ ଧରାଛୁଆଁ ଦେଇନଥିଲେ। ଫଳରେ ଅକ୍ଟୋବର ୬ ତାରିଖ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆସୁଥିଲେ ମଧ ୨୦ଦିନ ହେଲା ପୀଡ଼ିତାଙ୍କ ବାପା ବାରମ୍ବାର ଥାନା ଆସି ହଇରାଣ ହେଉଥିବା କହିଛନ୍ତି। ଏନେଇ ସେ ପୋଲିସ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି ଜଣାପଡ଼ିଛି।

## କୁତ୍ରା ଥାନାର ନୂତନ କୋଠା ଉଦ୍‌ଘାଟିତ

କୁତ୍ରା,୨୭।୧୦(ଡି.ଏନ୍.ଏ.)
ସୁନ୍ଦରଗଡ ଜିଲା କୁତ୍ରା ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଡିଜିପି ଅଭୟ ଉଦ୍‌ଘାଟନ କରିଥିଲେ। ଭର୍ଚୁଆଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ଜୟନାରାୟଣ ପଙ୍କଜ, ସୁନ୍ଦରଗଡ ଏସ୍‌ପି ସାଗରିକା ନାଥଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୀକ୍ଷା ଦିପନ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ରାଉରକେଲା ଅଫିସ,୨୭।୧୦:**
ଶିଶୁ ଦକ୍ଷତା ବିକାଶ ଅନୁଷ୍ଠାନ ଦୀକ୍ଷାଦିପନ ପକ୍ଷରୁ ଅଧ୍ୟକ୍ଷା ଡଲିରାଣୀ ବ୍ରହ୍ମାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଛେଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପୂର୍ବ ଅତିରିକ୍ତ ଜିଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସହରର ବିଶିଷ୍ଟ ସାହିତ୍ୟିକ ଡାକ୍ତର କୃପାସିନ୍ଧୁ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଲେଖକ ଭୁପେନ ମହାପାତ୍ରଙ୍କୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ରଶ୍ମିବାଳା ରାଉତରାୟ ମାନପତ୍ର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଧାରାଣୀ ମହାପାତ୍ର, ବିଜୟାଲକ୍ଷ୍ମୀ ପଟ୍ଟନାୟକ, ଡ.କିଶୋରୀ ଦାଶ, ନିରୁପମା ମିଶ୍ର, ପ୍ରତାପ ରାୟ, ଲକ୍ଷ୍ମଣ ଦାଶ, ପ୍ରଫୁଲ ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମଞ୍ଜୁଳା କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୪ ବୋତଲ ଫରେନଲିକର ସହ ଦୁଇ ଗିରଫ

ରାଉରକେଲା ଅଫିସ,୨୭।୧୦: ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡି କେବିନ ଅଞ୍ଚଳରେ ପୋଲିସ ୨ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଦୁଇ ବ୍ଯବସାୟୀ ହେଲେ ପ୍ଲାଣ୍ଟସାଇଟ ଅଞ୍ଚଳର ଦୀପକ ନାୟକ(୩୨) ଓ ଝିରପାଣିର କାର୍ତ୍ତିକେଶ୍ୱର ପରିଡ଼ା(୨୮)। ଏନେଇ ପୋଲିସ(୧୩୧/୨୧) ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ବୁଧବାର ଦିନ କୋର୍ଟ ଚାଲାଣ କରିଛି।

## ସୁନ୍ଦରଗଡ଼ରେ ସଚେତନତା ଶୋଭାଯାତ୍ରା
### ଦୁର୍ନୀତି ନିବାରଣ ସପ୍ତାହ ପାଳନ


ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରାଯାଉଛି।

**ସୁନ୍ଦରଗଡ଼, ୨୭।୧୦(ଡି.ଏନ୍.ଏ.)**
ସୁନ୍ଦରଗଡ ଦୁର୍ନୀତିନିବାରଣ ବିଭାଗ ପକ୍ଷରୁ ବୁଧବାର ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅବସରରେ ଏହି ଶୋଭାଯାତ୍ରାକୁ ବରିଷ୍ଠ ନାଗରିକ ସମିତିର ସଭାପତି ଡା. ହିମାଂଶୁ ଶେଖର ଷଡଙ୍ଗୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା କ୍ରୀଡା ଛାତ୍ରାବାସ ଓ ସାଇ ଛାତ୍ରାବାସର ଛାତ୍ରୀ ଛାତ୍ର ଭାଗ ନେଇଥିଲେ। ସୁନ୍ଦରଗଡ ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

**ରାଉରକେଲା ଅଫିସ,୨୭।୧୦:**

ଜିଲା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକଠାରୁ ଆରମ୍ଭ ହୋଇଛି । ଏହି ଶୋଭାଯାତ୍ରାରେ ମୋର୍ଚ୍ଚାର ଶତାଧିକ କର୍ମୀଯୋଗ ଦେଇ ସହିଦ ଚାଷୀଙ୍କ ଅସ୍ଥିକୁ ଧରି ସେକ୍ଟର-୨୦ ସ୍ଥିତ କୋଏଲନଦୀର ବୈକୁଣ୍ଠ ଘାଟରେ ବିସର୍ଜନ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା କଂଗ୍ରେସର ସଭାପତି ଜର୍ଜ ତିର୍କୀ, ସଂଯୁକ୍ତ କୃଷକ ମୋର୍ଚ୍ଚାର ରାଜ୍ୟ ନେତା ସୁରେନ୍ଦ୍ର ଦାଶ, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ସବୀର ହୁସେନ, କାର୍ତ୍ତିକ ଦାସ, ଲତା ନାୟକଙ୍କ ସହ ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ।

## ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ


ମୁଖ୍ୟ ଅତିଥି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅତିଥିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ଲହୁଣୀପଡ଼ା,୨୭।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଉରୁମକେଲା ଓ ସୁରୁପତଳା ଗ୍ରାମ ଆନୁକୂଲ୍ୟରେ ଓ ଜଗତକଲ୍ୟାଣ ଗ୍ରୁପ ଆୟୋଜନରେ ଚାଲିଥିବା ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବାବୁ ନୂଆଗାଁ ଦଳକୁ ହରାଇ ଜଗତକଲ୍ୟାଣ ଗ୍ରୁପ ଦଳ ଚାମ୍ପିୟନ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଇଂ ନକୁଳ କିଷାନ, ଅବସରପ୍ରାପ୍ତ ଶିକ୍ଷକ ସୁରଞ୍ଜନ ପାଢୀ, ଫକୀର ମୋହନ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ପ୍ରଥମେ ଆୟୋଜକଙ୍କ ତରଫରୁ ଅତିଥିମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଗତକଲ୍ୟାଣ ଗ୍ରୁପ ସଭାପତି ବଳଭଦ୍ର କିଷାନ ଅଧକ୍ଷତା କରିଥିଲେ। ସମ୍ପାଦକ ଶରତ କିଷାନ ବିବରଣୀ ପାଠ କରିଥିଲେ। ଭୁବନାନନ୍ଦ କିଷାନ ପରିଚୟ ପ୍ରଦାନ କରିଥିବା ବେଳେ ଭଜନ କିଷାନ ମଞ୍ଚ ପରିଚାଳନା କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଜଗତକଲ୍ୟାଣ ଗ୍ରୁପ ତରଫରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଥିଲା। ତପନ କୁମାର ଜୟସୱାଲ, ଫକୀର କିଷାନ, ପୂର୍ଣ୍ଣଚନ୍ଦ୍ର କିଷାନ, ଲୋଚନ କିଷାନ, ଅଜିତ କିଷାନ, କାର୍ତ୍ତିକ କିଷାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପରଦେଶୀ କିଷାନ, ବିରଞ୍ଚି କିଷାନ, ଲାଲ ମୋହନ କିଷାନ, ଗୋପାଳ କିଷାନ, ଭଗବାନ କିଷାନ, ସୁରେନ୍ଦ୍ର କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୮ ଅକ୍ଟୋବର, ୨୦୨୧

## ଟ୍ରାକ୍ଟରକୁ ପିଟିଲା ବାଇକ୍: ୨ମୃତ

ଗୋଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଖଲିଆକାନି ନିକଟରେ ବୁଧବାର ଏକ ଟ୍ରାକ୍ଟରକୁ ଏକ ବାଇକ୍ ଧକ୍କା ଦେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମରଥବସାର ସତ୍ୟ ମାଝୀ ଓ ଫୁଲରିପାଣି ଗ୍ରାମର ଗୁକୁଳ ମାଝୀ । ପ୍ରକାଶ ଯେ, ସନ୍ଧ୍ୟାରେ ଖଲିଆକାନି ନିକଟରେ ଏକ ଧାନ ବୋଝେଇ ଟ୍ରାକ୍ଟର ଠିଆ ହୋଇଥିଲା। ଏହି ସମୟରେ ବୃନ୍ଦାବାହଲ ପଟୁ ସତ୍ୟ ଓ ଗୁକୁଳ ଆସୁଥିବା ବାଇକ୍‌ଟି ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା । ଫଳରେ ଦୁହେଁ ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିଲେ। ଖବରପାଇ ଘଟଣାସ୍ଥଳରେ ଗୋଲାମୁଣ୍ଡା ଥାନା ଆଇଆଇସି ଯୁଗଳ ଶବର ପହଞ୍ଚି ଅଗ୍ନିଶମ ବାହିନୀ ଦ୍ୱାରା ଦୁଇ ଜଣଙ୍କୁ ଉଦ୍ଧାର କରି ଧର୍ମଗଡ ଡାକ୍ତରଖାନାକୁ ପଠାଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।



## ସଂକ୍ଷେପରେ

### ଅବସରପ୍ରାପ୍ତ କିରାଣିଙ୍କୁ ଜେଲଦଣ୍ଡ

**ଲାଞ୍ଚ ନେବା ମହଙ୍ଗା ପଡ଼ିଲା**

ବରଗଡ଼ ଅଫିସ୍,୨୭।୧୦: ବରଗଡ଼ ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣି ଶୈଳେନ୍ଦ୍ର ନାରାୟଣ ପଣ୍ଡାଙ୍କୁ ଜେଲ ଦଣ୍ଡାଦେଶ ହୋଇଛି। ବୁଧବାର ସମ୍ବଲପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି(ସ୍ପେଶାଲ ଜଜ୍) ଏକ ଲାଞ୍ଚ ମାମଲା(ନଂ-୭/୨୦୦୬)ର ଶୁଣାଣି କରି ଏହି ରାୟ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତିଙ୍କ ରାୟ ଅନୁଯାୟୀ ଅବସରପ୍ରାପ୍ତ କନିଷ୍ଠ କିରାଣିଙ୍କୁ ୧ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ତେବେ ନିର୍ଦ୍ଧାରିତ ସମୟ ସୁଦ୍ଧା ଜରିମାନା ପଇଠ ନକଲେ ଜେଲ ଦଣ୍ଡାଦେଶ ଆହୁରି ୩ମାସ ବୃଦ୍ଧି ପାଇବ ବୋଲି ସୂଚାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୨୦୦୬ ମସିହାରେ ଅବସରପ୍ରାପ୍ତ କନିଷ୍ଠ କିରାଣି ପଣ୍ଡା ଏକ ଜମିଜମା ସଂକ୍ରାନ୍ତୀୟ ଏକ ମ୍ୟୁଟେଶନ କେଶ ବାବଦକୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେତେବେଳେ ତାଙ୍କ ବିରୋଧରେ ଉପରୋକ୍ତ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଭିଜିଲାନ୍ସ ଡିଏସପି ଏଲ.ଏନ ପଣ୍ଡା ଏହାର ତଦନ୍ତ କରିଥିଲେ ଏବଂ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର(ପି.ପି) ଜି.ଏମ ଦାଶ ମାମଲାର ପରିଚାଳନା କରୁଥିଲେ।

### ରକ୍ତଦାନ ଶିବିର, ୭୧ ୟୁନିଟ ସଂଗ୍ରହ



ଡୁଙ୍ଗୁରିପାଲି,୨୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏମଇ ସ୍କୁଲ ନିକଟରେ ପୁରୁଣା ପଟେଲ କରତ ମିଲ ପରିସରରେ କୋଶଲ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଭିମସାର ବୁର୍ଲାରୁ ଆସିଥିବା ଡ. ସନତ କୁମାର ଦାସ, କରୁଣାକର ସାହୁ, ଲାଲୁ ବିଶ୍ୱାଳ, ଜନକ ବେହେରା, ପ୍ରହଲାଦ କୁମାର ଭୋଇ, ସନ୍ତୋଷ କୁମାର ସାହୁ ଏହି ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରି ଭିମସାର ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ରକ୍ତଦାନ ଶିବିରକୁ କୋଶଲ ସେନାର ସରୋଜ ପଧାନ, ଯଦୁମଣି କୁଦେଇ, ହିଂମାଶୁ ଦାସ, ପ୍ରଶାନ୍ତ ସେଠ, ଅଜିତ ମେହେର ପ୍ରମୁଖ ପରିଚାଳନା କରିଥିଲେ।

### ମୋ ସ୍କୁଲ ଅଭିଯାନ ବୈଠକ

ବୌଦ୍ଧ,୨୭।୧୦(ସ୍ୱ.ପ୍ର.): ବୌଦ୍ଧ ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ବିଦ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚେତାରାମ ପଟ୍ଟନାୟକ, ଶିକ୍ଷକ ଉଗ୍ରସେନ ବେହେରା, ସଦାନନ୍ଦ ପ୍ରଧାନ, ପ୍ରକାଶ ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ନିରନ ମେହେର ଅତିଥି ଭାବେ ଯୋଗଦେଇ ଅଭିଯାନର ସଫଳତା ଉପରେ ମତ ରଖିଥିଲେ। ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ପୁରାତନ ଛାତ୍ରଙ୍କୁ ଯୋଗାଯୋଗ କରିବା ସହ ସହାୟତା ରାଶି ସଂଗ୍ରହ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଉପସ୍ଥିତ ଥିବା ପୁରାତନ ଛାତ୍ର ଶିଶିର ଦୀପ, ରଞ୍ଜନ କୁମାର ଦାଶ, ଅଜିତ ମେଣ୍ଡିଲି, ଅଜିତ କୁମାର ମେହେର, ତାପସ ଭୁକ୍ତା ପ୍ରମୁଖ ଅଭିଯାନ କାର୍ଯ୍ୟକ୍ରମ କରିବା ପାଇଁ ମତ ରଖିଥିଲେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

କୋକସରା,୨୭।୧୦(ଡି.ଏନ.ଏ.): କୋକସରା ବ୍ଲକ କାଉଡୋଲା ପଞ୍ଚାୟତର ବାଞ୍ଜିବାହାଲଠାରେ ପାନ୍ ଇଣ୍ଡିଆ ଆୱାରନେସ ମାଧମରେ କୋକସରା ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ତାଲୁକ ଆଇନ ସେବା ସମିତି ପି.ଏଲ୍.ଭି ଚକ୍ରଧର ବେଶ୍ରା ଯୋଗଦେଇ ଲୋକେ କିଭଳି ଭାବରେ ଆଇନର ସହାୟତା ସହଜରେ ପାଇପାରିବେ ସେ ନେଇ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ନଭେମ୍ବର ୧୪ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ଧନମତି ନାଏକ, ଶୋଭାସିନୀ ପ୍ରଧାନୀ, କୁମୁଦିନୀ ମାଝି, ବିମଳା ମାଝି, ରୁକ୍ମଣି ମାଝି, ପଦ୍ମା ବିଶି, ରଜନୀ ମାଝି, ଜୟମଣି ମାଝି, କେ. ମାଝି, ଚିତ୍ରସେନ ମାଝି, ଜୟସେନ ମାଝି, ପଦ୍ମନ ମାଝି, ଦୁର୍ବଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ‘ନ୍ୟାୟ ପାଇବା ପର୍ଯ୍ୟନ୍ତ ଲଢ଼େଇ ହେବ’

ବଲାଙ୍ଗୀର ଅଫିସ, ୨୭।୧୦



ଚନ୍ଦନଭାଟିରେ ମମିତା ମେହେରଙ୍କ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି।

**ମମିତାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି, ପ୍ରତିବାଦ ସଭା**

ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟି ପଞ୍ଚାୟତର ଆଞ୍ଚଳିତ ଭୁଲିଆ ସମାଜ ପକ୍ଷରୁ ମମିତା ମେହେରଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମାଜ ସଭାପତି ମେଘରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ମମିତା ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମମିତାଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ସେ କହିଥିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ବର୍ତ୍ତମାନ ଜିଲାରୁ ରାଜ୍ୟ ଓ ରାଜ୍ୟରୁ ଯାଇ ଜାତୀୟ ସ୍ତରରେ ଚାଞ୍ଚଲ୍ୟ ସୃଷ୍ଟି କଲାଣି। ଏହି ଘଟଣାରେ କେବଳ ଗୋବିନ୍ଦ ସାହୁ ନୁହେଁ, ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ମିଳୁଛି। କିନ୍ତୁ ସରକାରଙ୍କ ଚାପରେ ହେଉ କିମ୍ବା ଅନ୍ୟ କିଛି ହେଉ ପୋଲିସ ତଦନ୍ତ ଠିକ୍ ବାଟରେ ଯାଉନାହିଁ। ଦେଖାଯାଉଛି ତଦନ୍ତ ଯେପରି ଯାଉଛି ଯାହା କିଛି ବି ପ୍ରମାଣ ଅଛି ସେ ସବୁ ନଷ୍ଟ ହୋଇଯିବ। ତେଣୁ ଆଜି ସାରା ରାଜ୍ୟରେ ଲୋକେ ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ ପାଇଁ ସ୍ୱର ଉଠାଇବା ସହ ଏହା ନିରପେକ୍ଷ ତଦନ୍ତ ପାଇଁ ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ର ତୁରନ୍ତ ଇସ୍ତଫା ଦେଇ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇଟି ଗଠନ ହୋଇ ଏହାର ତଦନ୍ତ କରାଯାଉ ବୋଲି ଦାବି ଉଠୁଛି । ତେଣୁ ସରକାର ଯେତେ ଶୀଘ୍ର ହେବ ଏହାର ଏସ୍‌ଆଟି ତଦନ୍ତ କରାନ୍ତୁ, ନଚେତ ରାଜ୍ୟର ମା’ ଓ ଭଉଣୀମାନେ ଆଗାମୀ ଦିନରେ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ବିଧାୟକ ମିଶ୍ର କହିଥିଲେ। ପ୍ରତିବାଦ ସଭାରେ ଚନ୍ଦନଭାଟି ସରପଞ୍ଚ ମୀନାକୁମାରୀ ଭୋଇ, ବଳରାମ ମେହେର, ଲିଙ୍ଗରାଜ ମେହେର, କପିଳେଶ୍ୱର ପାଣିଗ୍ରାହୀ, ସଂର୍କୀତ୍ତନ ମେହେର, ଟୁନା ପାଣିଗ୍ରାହୀ, ନରେନ୍ଦ୍ର ମେହେର ଏବଂ ଅଜିତ ଦଲେଇଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ଶରୀର ଦାନ ପାଇଁ ସତ୍ୟପାଠ

ଦେଓଗାଁ, ୨୭।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସ୍ୱେଚ୍ଛାସେବୀ ସଂଗଠନ ଏନଏଫଆଇଡିର ୨ଜଣ ସକ୍ରିୟ ସଦସ୍ୟ ବୁଧବାର ନିଜ ଶରୀରକୁ ଦାନ ପାଇଁ ସତ୍ୟପାଠ କରି ଉଦାହରଣ ସାଜିଛନ୍ତି। ଜରାସିଂହାର ଏହି ଦୁଇ ସ୍ୱେଚ୍ଛାସେବୀ ଗୋବର୍ଦ୍ଧନ ଛତ୍ରିଆ ଓ ପୁରୁଷୋତ୍ତମ ହେମ୍ବ୍ରମ ନିଜ ଶରୀରକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଦାନ କରିବା ପାଇଁ ମଙ୍ଗଳବାର ଆନୋଟମି ବିଭାଗ ସହକାରୀ ପ୍ରଫେସର ଡା.ମନୋଜ କୁମାର ଦେହୁରୀ ଓ ଡା. ରାଜଶ୍ରୀ ବିଶ୍ୱାଳଙ୍କ ଉପସ୍ଥିତିରେ ସତ୍ୟପାଠ ଦାଖଲ କରିଥିଲେ। ଏହା ଏନଏଫଆଇଡିର ପ୍ରତିଷ୍ଠାତା ପ୍ରଭାତ କୁମାର ମହାନନ୍ଦଙ୍କ ଆରୋଗ୍ୟ କାମନା ଓ ଗୋବର୍ଦ୍ଧନ ଛତ୍ରିଆଙ୍କ ବାପା ସ୍ୱର୍ଗତ ଗଣେଷ ଛତ୍ରିଆଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଉତ୍ସର୍ଗୀକୃତ ବୋଲି ସେମାନେ ସୂଚନା ଦେଇଛନ୍ତି ।


ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଶରୀରକୁ ଦାନ ପାଇଁ ସତ୍ୟପାଠ ଦାଖଲ ଅବସରରେ ୨ ସ୍ୱେଚ୍ଛାସେବୀ ।

# ଭିନ୍ନକ୍ଷମ ଉପକରଣ ବଣ୍ଟନ ମେଳା

ଲୋଇସିଂହା,୨୭।୧୦(ଡି.ଏନ.ଏ)



ଭିନ୍ନକ୍ଷମ ଉପକରଣ ବଣ୍ଟନ ମେଳାରେ ଉପସ୍ଥିତ ଅତିଥିମାନେ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ବଲାଙ୍ଗୀର ଆନୁକୂଲ୍ୟରେ ଭିନ୍ନକ୍ଷମ ଉପକରଣ ବଣ୍ଟନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୬୮ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସାମଗ୍ରୀ ଓ ସିପି ଚେୟାର ପ୍ରଦାନ କରାଯାଇଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ମେଳାରେ ବିଇଓ ରୀନା କୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ଡା.ସଞ୍ଜୀବ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ଡା ମହେଶ୍ୱତା ପଣ୍ଡା, ଏବିଓ ବ୍ୟାସଦେବ ରାଏ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡା.ବିଶ୍ୱାଳ କହିଥିଲେ ଯେ, ଭିନ୍ନକ୍ଷମ ସକ୍ଷମମାନଙ୍କଠାରୁ କୌଣସି ଗୁଣରେ କମ ନୁହନ୍ତି। ସେମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାକୁ ଦିଆଯାଉ। ସରକାର ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଆସୁଛନ୍ତି। ସିଆରସିସି ପର୍ଶୁରାମ ସୁନା ସ୍ୱାଗତ ଅଭିଭାଷଣ, ବିଆରପି ବିଶ୍ୱବନ୍ଦିତା ମହାପାତ୍ର ଓ ସେବତୀ ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ କେତେକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଜଳଖିଆ ପାଇଁ ୩ଟଙ୍କିଆ ବିସ୍କୁଟ ପ୍ୟାକେଟ ଓ ପାଣି ପାଉଚ ଦେବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ପାଇଁ ବସିବା ବ୍ୟବସ୍ଥା କରାଯାଇ ନ ଥିଲା। ସାମ୍ବାଦିକ ସଂଘ ସଭାପତି ସରୋଜ ବିଶ୍ୱାଳ ଶିକ୍ଷା ବିଭାଗର ଏତାଦୃଶ ଆଚରଣକୁ ନିନ୍ଦା କରଛନ୍ତି।

## ସମଲେଶ୍ୱରୀ ମନ୍ଦିର ମରାମତି ପାଇଁ ୨ଲକ୍ଷ ଦାନକଲେ କଳିକେଶ

ବଲାଙ୍ଗୀର ଅଫିସ, ୨୭।୧୦

କିଛିଦିନ ତଳେ ସମଲେଶ୍ୱରୀ ମନ୍ଦିରର ମୁଖଶାଳା ଛାତ ଭୁଶୁଡ଼ି ପଡିଥିଲା। ଏହି ମନ୍ଦିର ମରାମତି ପାଇଁ ପୂର୍ବତନ ଏମ୍‌ପି କଳିକେଶ ନାରାୟର ସିଂଦେଓ ବୁଧବାର ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରଛନ୍ତି। ସମଲେଶ୍ୱରୀ ମନ୍ଦିର ବଲାଙ୍ଗୀରବାସୀ ଏବଂ ତାଙ୍କ ପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ କହିଥିଲେ। ଏଥିପାଇଁ ସେ ତାଙ୍କ ପରିବାର ତରଫରୁ ଏହି ରାଶି ମନ୍ଦିର ମରାମତି ପାଇଁ ଜିଲାପାଳଙ୍କୁ ପ୍ରଦାନ କରୁଥିବା କହିଛନ୍ତି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରକୁ ଆସି ସେ ଦେବୋତ୍ତର ମ୍ୟାନେଜର ସୁଧୀର ଦାଶଙ୍କୁ ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ମନ୍ଦିର ପୂଜକ ଅକ୍ଷୟ ଦିଶ୍ରୀ, ଆଡଭୋକେଟ୍ ଜୟରାମ ମିଶ୍ର, ନୀଳମଣି ମିଶ୍ର, ଭଗବାନ ବର୍ଗର୍ତ୍ତୀ, ପ୍ରଦୀପ କୁମାର ସାହୁ, ମହେନ୍ଦ୍ର ବାଗ, ବୁଲୁ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ଦିର ମରାମତି ସମ୍ପର୍କରେ କଳିକେଶ ପୂଜକ ଓ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ।


ମନ୍ଦିର ମରାମତି ପାଇଁ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ଟଙ୍କା ପାଇଁ ବଡଭାଇକୁ ହତ୍ୟା କଲା ସାନଭାଇ**

ଟିଟିଲାଗଡ,୨୭।୧୦(ଡି.ଏନ.ଏ.)

ଟିଟିଲାଗଡ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୧୪ ହାଟପଦା ପଡ଼ାର ଦିଜିଲି ବେହେରାଙ୍କ ପୁଅ ସଞ୍ଜୟ (୩୩) ଦୀର୍ଘ ୨୦ ଦିନରୁ ଉର୍ଦ୍ଧ୍ୱ ଧରି ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୭୭/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସଞ୍ଜୟଙ୍କ ସାନଭାଇ ପ୍ରମୋଦଙ୍କୁ ପୋଲିସ ଆଣି ଜେରା କରିଥିଲା। ଜେରାବେଳେ ପ୍ରମୋଦ ବଡଭାଇଙ୍କୁ ହତ୍ୟା କରିଥିବା ମାନି ଯାଇଥିଲା। ସହର ନିକଟରେ ଥିବା ଜଙ୍ଗଲରେ ତଣ୍ଟି ଚିପି ମାରି ପୋତି ଦେଇଥିବା କହିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟ ଲଳିତ ବାଗଙ୍କ ସହ ଜଙ୍ଗଲରେ ପୋତା ଯାଇଥିବା ସ୍ଥାନକୁ ନେଇ ମୃତଦେହ ଉଦ୍ଧାର କରିଥିଲା। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜନ କୁମାର ବରିହା କହିଛନ୍ତି। ଦିଜିଲି ଅବସର ପରେ ପାଇବାକୁ ଥିବା ଟଙ୍କାକୁ ନେଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି । ତଦନ୍ତ ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସଡିପିଓ ସୁରେନ୍ଦ୍ର ନାଥ ଶତପଥି କହିଛନ୍ତି।

# ସାମାଜିକ କାର୍ଯ୍ୟରେ ୧ ହଜାର ଲୋକ ଯୋଗ ଦେବାକୁ ଅନୁମତି ଦାବି

ବୌଦ୍ଧ,୨୭।୧୦(ସ୍ୱ.ପ୍ର.)

**ବୌଦ୍ଧରେ ରାଜ୍ୟ ଟେଣ୍ଟ ମାଲିକ ସଂଘର ଖବରଦାତା ସମ୍ମିଳନୀ**

କରୋନା ମହାମାରୀ ବ୍ୟବସାୟ କ୍ଷେତ୍ରରେ ଘୋର ପ୍ରଭାବ ପକାଇଛି। ସରକାରୀ କଟକଣା ଯୋଗୁ ରାଜ୍ୟର ଟେଣ୍ଟମାଲିକମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏନେଇ ବୁଧବାର ରାଜ୍ୟ ଟେଣ୍ଟ ମାଲିକ ସଂଘ ପକ୍ଷରୁ ବୌଦ୍ଧଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଜିଲା ଟେଣ୍ଟ ଲାଇଟ ଓ ସାଉଣ୍ଡ ମାଲିକ ସଂଘ ସଭାପତି ଶଙ୍କର ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସହରର ଟାଉନହଲଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ଅସୁବିଧା ନେଇ ମତ ରଖିଥିଲେ । ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ କରୋନା ସ୍ଥିତିରେ ସୁଧାର ଆସିଛି । ଏହି ପରିପ୍ରେକ୍ଷୀରେ ସରକାର ଟେଣ୍ଟ ମାଲିକ ଓ କାର୍ଯ୍ୟରତ ଟେଣ୍ଟ କର୍ମଚାରୀଙ୍କ ପେଟପାଟଣାକୁ ଦେଖି ସାମାଜିକ କାର୍ଯ୍ୟରେ ଏକ ହଜାର ଲୋକଙ୍କ ସମାଗମ ପାଇଁ ସରକାର ଅନୁମତି ଦେବାକୁ ସଂଘ ଦାବି କରିଛି। ଏହାସହ ମାଲିକମାନଙ୍କୁ ଋଣ ପ୍ରଦାନ କରିବାକୁ ଏହି ଖବରଦାତା ସମ୍ମିଳନୀରେ ଦାବି ହୋଇଥିଲା । ଏହି ସମ୍ମିଳନୀରେ ସର୍ବ ଭାରତୀୟ ଟେଣ୍ଟ ମାଲିକ ସଂଘର ଅଧକ୍ଷ ଅଟଳ ବିହାରୀ ଜେନା, ସଂପାଦକ ଗୁରୁଚରଣ ଦାସ, ସଦସ୍ୟ ଶଙ୍କର ସାହୁ, ପ୍ରବୋଧ ଦାସ , ଓଡିଶା ସଂଘର ସଂପାଦକ ନିରଞ୍ଜନ ସାହୁ, ଉପସଭାପତି ରାମଦାସ ମେହେର, କୋଷାଧକ୍ଷ ଜୟନାରାୟଣ ସିଂହ ଯୋଗ ଦେଇଥିଲେ । ସମ୍ମିଳନୀରେ ଜିଲା ସଂଘର ଉପସଭାପତି ଉମେଶ ପାଢୀ, ସଂପାଦକ ସତ୍ୟ ନାରାୟଣ ବେରିହା, ,କୋଷାଧକ୍ଷ ଶ୍ୟାମ ସୁନ୍ଦର କରଡିଆ ପ୍ରମୁଖ ଉପସ୍ଥିତ ଥିଲେ ।


ବୌଦ୍ଧରେ ଟେଣ୍ଟ ମାଲିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ।

## ମମିତା ହତ୍ୟା ମାମଲା: କଂଗ୍ରେସର ଗଣଧାରଣା

କୋକସରା,୨୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାର ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ବୁଧବାର କୋକସରା ବ୍ଲକ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଇସ୍ତଫା ଓ ବହିଷ୍କାର ଦାବିରେ ସ୍ଥାନୀୟ ଥାନା ଆଗରେ ଗଣଧାରଣା ଦିଆଯାଇଥିଲା। ବ୍ଲକ ସଭାପତି ରାଜେନ୍ଦ୍ର ନାଏକ ଏହାର ନେତୃତ୍ୱ ନେଇଥିଲେ। ପୀଡିତାଙ୍କ ପରିବାରକୁ ୨ କୋଟି ଟଙ୍କା ସହାୟତା ଓ ସିବିଆଇ ତଦନ୍ତ କରିବାକୁ ଦଳ ଦାବି କରିଛି । ଗଣଧାରଣାରେ ବରିଷ୍ଠ ନେତା ଦିଗାମ୍ବର ଦୁରିଆ, ଯୁବନେତା ତ୍ରିଭୁବନ ନାଏକ, ଜିଲା ଯୁବ କଂଗ୍ରେସ ଉପ ସଭାପତି ଲିଙ୍ଗରାଜ ବେହେରା, ବ୍ଲକ କୃଷକ ମୋର୍ଚ୍ଚା ସଦସ୍ୟ ଘନଶ୍ୟାମ ଜାଲ, ତ୍ରିଲୋଚନ ମହାନନ୍ଦ ସାମିଲ ଥିଲେ। ଏହାଛଡା ଧନେଶ୍ୱର ମହାନନ୍ଦ, କୀର୍ତ୍ତନ ଶବର, କେଶବ ଚନ୍ଦ୍ର ନାଏକ, ଦେବରାଜ ମାଝୀ, ଅରୁଣ ମାଝୀ, ଯୋଗା ନାଏକ, ମାର୍କଣ୍ଡ ବେମାଲ, ଧନବଳ ନାଏକ, ପିତାମ୍ବର ନିଆଲ, ପୂର୍ବତନ ବ୍ଲକ ଅଧକ୍ଷା ତପସ୍ୱିନୀ ପ୍ରଧାନୀ, ମହିଳା ନେତ୍ରୀ ମାଧୁରୀ ନିଆଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ।

## ୭ ଦଫା ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ

କେସିଙ୍ଗା,୨୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଶ୍ରୁପଡା ଓ କନ୍ତେଶିର ଗ୍ରାମ ପଞ୍ଚାୟତର ଚାଷୀମାନେ ବୁଧବାର ଏକ ସାତ ଦଫା ସମ୍ବଳିତ ଦାବିପତ୍ର ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କଶ୍ରୁପଡା ଓ କନ୍ତେଶିର କୃଷକ ସଙ୍ଗଠନର ସଭାପତି କେଶବ ଚନ୍ଦ୍ର ଭୋଇ, ସମ୍ପାଦକ ପର୍ଶୁରାମ ପାଢ଼ୀ, ଜିତେନ୍ଦ୍ର ମାଝୀ,ପୃଥ୍ୱୀରାଜ ମାଝୀ, ଟିକେଚନ ଭୋଇ, କ୍ଷୀରସିନ୍ଧୁ ବିଶି, ଗରୁଡ଼ଧ୍ୱଜ ଭୋଇ, ଯୁବରାଜ ସାହୁଙ୍କ ସମେତ କୃଷକମାନେ ଉପସ୍ଥିତ ଥିଲେ । ଏହି ଦୁଇଟି ଗ୍ରାମ ପଞ୍ଚାୟତରେ ତେଲନଦୀ ନିକଟରେ ଆଡ଼ିବନ୍ଧ ନିର୍ମାଣ, ଦୁଇଟି ଗ୍ରାମ ପଞ୍ଚାୟତକୁ ମରୁଡ଼ି ଘୋଷଣା, ମେଗା ଜଳସେଚନ, ପଡିଆ ଜମିରେ ରବିଚାଷ ପାଇଁ ମାଗଣାରେ ବିହନ ଓ ସାର ଯୋଗାଣ, ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ, ଚାଷୀଙ୍କୁ ଭତ୍ତା ପ୍ରଦାନ, ଚାଷୀଙ୍କୁ ଉପଯୁକ୍ତ ସମ୍ମାନ ଦେବା, ସୁକୁନା ଭଟା ଘାଇ ମରାମତି ଲାଗି ଦାବି କରାଯାଇଛି। ଆସନ୍ତା ଏକ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବା ସହିତ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# କଲେକ୍ଟୋରେଟ ସମ୍ମୁଖରେ କଂଗ୍ରେସର ଗଣଧାରଣା

ଭବାନୀପାଟଣା,୨୭।୧୦(ସ୍ୱ.ପ୍ର.)

ମମିତା ମେହେରଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାରଠାରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଛନ୍ଦି ହୋଇ ପଡିଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ମିଶ୍ର ଇସ୍ତଫା ଦିଅନ୍ତୁ, ନଚେତ୍ ସରକାର ତାଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ କର୍ମୀମାନେ ଦାବି କରିଛନ୍ତି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଆହ୍ୱାନରେ ଅନୁଷ୍ଠିତ ଗଣଧାରଣାରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ଭବାନୀପାଟଣା ନଗର ସଭାପତି ସିର୍ଦ୍ଧାର୍ଥ ନାଏକ, କାର୍ଯ୍ୟକାରୀ ସଭାପତି ସରୋଜ ବାଗ, ସ୍ଥାନୀୟ ବ୍ଲକ ସଭାପତି ସୁବାଷ ପ୍ରଧାନ, ଚୂଡାମଣି ପ୍ରଧାନ, ଜିଲା ଯୁବ କଂଗ୍ରେସ ଉପ ସଭାନେତ୍ରୀ ମନ୍ଦାକିନୀ ବାଣୁଆ, ବରିଷ୍ଠ ନେତ୍ରୀ ମାଣିକ୍ୟ ସୁନା ପ୍ରମୁଖ ସାମିଲ ଥିଲେ। ବୁଧବାର ଗଣଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ ଗୁରୁବାର ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜଣାପଡିଛି।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଗଣଧାରଣା ।

# ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ: ଉଲୁଣ୍ଡାକୁ ଟାଇଟଲ

ଅମରପାଲି,୨୭।୧୦(ଡି.ଏନ.ଏ.)


ଚାମ୍ପିୟନ ଉଲୁଣ୍ଡା ଦଳକୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ପଣ୍ଡିଆପାଲି ଗ୍ରାମରେ ଚାଲିଥିବା ୧୨ତମ ସହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବୀରମହାରାଜପୁରକୁ ହରାଇ ବିସିଏ ଉଲୁଣ୍ଡା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇ ଫର୍ମାଟ ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ବୀରମହାରାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରେଇ ୮୩ରନ ସଂଗ୍ରହ କରିଥିଲା। ଜବାବରେ ଉଲୁଣ୍ଡା ଦଳ ୮.୫ଓଭରରେ ୫ ଉଇକେଟ ହରାଇ ୮୫ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୨ଉଇକେଟ ହରାଇ ୯୮ରନ କରିଥିଲା। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୦ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବିସିଏ ଉଲୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟ ଅତିଥି ଏବଂ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ବ୍ଲକବିଜେଡିଯୁବସଭାପତିନାରାୟଣ ଲୁହା, କ୍ରୀଡାବିତ ଅଭିଳାଶ ମାଣିଆ, ମିନକେତନ ମହାକୁର, ଦିଲ୍ଲିପ ପଧାନ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ,ବୈକୁଣ୍ଠ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଉଲୁଣ୍ଡାର ବିକାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ପ୍ରଶାନ୍ତ ବିଶିଙ୍କୁ ମ୍ୟନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଉଲୁଣ୍ଡା ଦଳକୁ ନଗଦ ୧୧ହଜାର୧୧୧ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ବୀରମହାରାଜପୁରକୁ ୬ହଜାର ୬୬୬ ଟଙ୍କା ସହିତ ଟ୍ରଫିଦେଇ ପୁରସ୍କୃତ କରାଯାଇଥିଲା।

## ସୁନା ଦୋକାନରୁ ଚୋରି

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ଧୁମାଭଟା ଗାଁରେ ଥିବା ପଦ୍ମାଳୟା ଜୁଏଲର୍ସରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ଶର୍ଟର ଲକ କାଟି ଦୁର୍ବୃତ୍ତମାନେ ସୁନା ରୁପା ଅଳଙ୍କାର ସମେତ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିବା ଦୋକାନ ମାଲିକ ଆଦିତ୍ୟ କୁମାର ବୁଡେକ ବେଲପଡା ଥାନାରେ ଅଭିଯୋଗ କରିଛନ୍ତି। ସବୁଦିନ ପରି ଆଦିତ୍ୟ ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳେ ଦୋକାନ ଶର୍ଟର ଲକ କଟା ଯାଇଥିବା ସେ ଦେଖିଥିଲେ। ଏକ ମାମଲା ରଜୁ କରି ଘଟଣାର ତଦନ୍ତ କରାଯାଉଥିବା ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି।

**ସଂକ୍ଷେପରେ**

## ଗାଁ ସାଥୀଙ୍କୁ ପରିଚୟ ପତ୍ର ବଣ୍ଟନ

**ଲୋଇସିଂହା,୨୭।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପ୍ରଶାସନ ତରଫରୁ ଗାଁ ସାଥୀମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଗାଁ ସାଥୀ ସଂଘ ସଭାପତି ଆନନ୍ଦ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏପିଓ ଜଗତଜିତା ସେଠୀ ମୁଖ୍ୟ ଅତିଥି, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ହିମାଂଶୁ ଶେଖର ପୁଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକଭାବେ ପ୍ରାୟ ୫୦ ଜଣ ଗାଁ ସାଥୀଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜ୍ଞାନେଶ୍ୱର ଦୀପ ସଭା ପରିଚାଳନା କରିଥିଲେ।

## ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ

**ଖପ୍ରାଖୋଲ,୨୭।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପଞ୍ଚାୟତ ସମିତି ସଭା ଗୃହଠାରେ ଦୁର୍ନୀତି ନିବାରଣ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସେକସନ୍ ଅଫିସର ବ୍ରଜବନ୍ଧୁ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଗତି ସହାୟକ ଅଶୋକ କୁମାର ପାଣିଗ୍ରାହୀ, ଜିପିଇଓ ସୁଶାନ୍ତ କୁମାର ପାଣି, ଏପିଓ ସୁଧାଂଶୁ ମେହେର, ଉମାକାନ୍ତ ପଧାନ ପ୍ରମୁଖ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ସହିତ ଜନସାଧାରଣଙ୍କୁ ସେବା ଯୋଗେଇଦେବା ପାଇଁ କର୍ମଚାରୀମାନେ ଶପଥ ପାଠ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଦିତ୍ୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ତହସିଲର କର୍ମଚାରୀ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିଲେ।

## ଯଶୋବନ୍ତି ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା

**ନୂଆପଡା ଅଫିସ,୨୭।୧୦:** ଯଶୋବନ୍ତି ମେହେର ନୂଆପଡା ଜିଲା ବିଜେଡି ମହିଳା ମୋର୍ଚ୍ଚା ସମ୍ପାଦିକଭାବେ ନିଯୁକ୍ତ ହୋଇଛନ୍ତି। ଏହିକ୍ରମରେ ବୁଧବାର କୋମନା ବ୍ଲକ ଉଦ୍ୟାନବନ୍ଧ ଜାଗୃତି ଜାଗରଣ କାର୍ଯ୍ୟାଳୟଠାରେ ସେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ଯଶୋବନ୍ତୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି ଯେ, ମହିଳଙ୍କ ଉନ୍ନତି ପାଇଁ ସେ କରି ଆସୁଥିବା କାର୍ଯ୍ୟ ଜାରି ରଖିବେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳା ସଂଗଠନକୁ ସୁଦୃଢ କରି ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବା ଦିଗରେ ସହାୟତା କରିବେ ଯଶୋବନ୍ତି କହିଛନ୍ତି। ବିଜେଡି ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକାଭାବେ ମନୋନୀତ କରିଥିବାରୁ ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆରଆଇ ସର୍କଲ ପରିବର୍ତ୍ତନରେ ଅସନ୍ତୋଷ

**ପଦ୍ମପୁର ୨୭।୧୦(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ଦହିଗାଁ ପଞ୍ଚାୟତବାସୀ ବୁଡାମାଲ ଆରଆଇ ସର୍କଲରେ ମିଶ୍ରଣକୁ ତୀବ୍ର ବିରୋଧ କରୁଛନ୍ତି। ସରକାର ପ୍ରତ୍ୟେକ ତିନିଟି ପଞ୍ଚାୟତରେ ଗୋଟିଏ ଆରଆଇ ସର୍କଲ ଖୋଲିବା ନିଷ୍ପତ୍ତି ଖବର ପାଇ ଦହିଗା ପଞ୍ଚାୟତବାସୀ ଉପ ଜିଲାପାଳକୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୁର୍ନଗଠନରେ ଉକ୍ତ ପଞ୍ଚାୟତକୁ ବୁଡାମାଲରେ ସାମିଲ କରିବା ସମ୍ଭାବନା ରହିଛି। ଦହିଗାଠାରୁ ବୁଡାମାଲ ୧୫କିମି। କିନ୍ତୁ ଦହିଗାଠାରୁ ଦହିତା ମାତ୍ର ୫ କିମି। ଯଦି ପୁର୍ନଗଠନରେ ଲୋକମାନଙ୍କର ସୁବିଧା କରାଯାଉଛି ତେବେ ଦହିଗାକୁ ଦହିତା ଆରଆଇ ସର୍କଲରେ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସୁଦାମ ଦାଶଙ୍କ ନେତୃତ୍ୱରେ ନିରାକାର ଭୋଇ, ବିନୋଦ ସାହୁ, ରୁଦ୍ର ବିଶି, ପ୍ରକାଶ ଦାଶ, ବନମାଳୀ ସାହୁ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସଚେତନତା

**ବରଗଡ଼ ଅଫିସ୍,୨୭।୧୦:** ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବରଗଡ଼ରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଜିଲାପାଳ ଅଫିସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଶପଥ ଗ୍ରହଣ କରିଥିଲେ। ସେହିପରି ବୁଧବାର ବରଗଡ଼ ସହରରେ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ଶାଖା, ବରଗଡ଼ର ଅଧିକାରୀ, କର୍ମଚାରୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ଥିଲେ।

# ମରୁଡ଼ି ଘୋଷଣା ଦାବିରେ ତାତିଲେ ଚାଷୀ

**ବରଗଡ଼ ଅଫିସ୍,୨୭।୧୦**

- ବିକ୍ଷୋଭ ଶୋଭାଯାତ୍ରାରେ ଶତାଧିକ ଚାଷୀ ସାମିଲ
- ତହସିଲ ଅଫିସ ଆଗରେ ପ୍ରତିବାଦ ସଭା
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ଜିଲାର ଅଣଜଳସେଚିତ ଅଞ୍ଚଳରେ ଧାନ, ପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଏହାସତ୍ତ୍ୱେ ସରକାର ମରୁଡ଼ି ଘୋଷଣା କରି ନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ି ଚାଲିଛି। ବୁଧବାର ଜୟ କିସାନ ଆନ୍ଦୋଳନ ନେତୃତ୍ୱରେ ଜିଲାର ସୋହେଲାରେ ଚାଷୀମାନେ ବିକ୍ଷୋଭ ଶୋଭାଯାତ୍ରା ସହିତ ସ୍ଥାନୀୟ ତହସିଲ ଅଫିସ ଆଗରେ ପ୍ରତିବାଦ ସଭା କରିଥିଲେ। ପରେ ୮ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ଚାଷୀମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଚାଷୀମାନେ ସୋହେଲା ଥାନା ଛକରେ ସମବେତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ ଅଭିମୁଖେ ଆସିଥିଲେ। ତହସିଲ ଅଫିସ ପହଞ୍ଚିବା ପରେ ଜୟ କିସାନ ଆନ୍ଦୋଳନର ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଶିବ ପ୍ରଧାନ, ଜୟ କିସାନ ଆନ୍ଦୋଳନର ଜିଲା ସଭାପତି ସୁଶିଲ ସାହୁ, ସମ୍ପାଦକ ହର ବଣିଆଙ୍କ ସମେତ ସୁରେଖା ଭୁଏ, ବାଲକିଶୋର ଛତର, କୁଞ୍ଜବିହାରୀ ପ୍ରଧାନ, ଭଞ୍ଜନ ବାରିକ ପ୍ରମୁଖ ସେଠାରେ ଉଦବୋଧନ ଦେଇଥିଲେ। ଚାଷୀ, ଚାଷ ସମସ୍ୟା ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଥିବା ଯୋଗୁ ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସେମାନେ କଡ଼ା ସମାଲୋଚନା କରିଥିଲେ। ସଭା ପରେ ତହସିଲଦାର ସ୍ୱାଇଁଙ୍କୁ ସେମାନେ ସ୍ୱାରକପତ୍ର ପ୍ରଦାନ କରିଥିଲେ। ସ୍ୱଳ୍ପ ବୃଷ୍ଟିପାତ, ଅନାବୃଷ୍ଟି ଯୋଗୁ ସୋହେଲା ବ୍ଲକରେ ଧାନ ସମେତ ମୁଗ, ବିରି, ଚିନାବାଦାମ ଆଦି ଫସଲ ଉଜୁଡ଼ି ଯାଇଥିବା ଯୋଗୁ ଏହି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସେହିପରି କୃଷିଋଣ ଛାଡ଼, କୃଷିକାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ ଦେୟ ଛାଡ଼, ଇନପୁଟ୍ ସବସିଡ଼ି ଆଇନ ପରିବର୍ତ୍ତନ କରି ଫସଲ ଖର୍ଚ୍ଚ ଆକଳନ କରି କ୍ଷତିପୂରଣ ପ୍ରଦାନ, ଆଗ୍ରହୀ ଶ୍ରମିକମାନଙ୍କୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୦ଦିନ କାମ ଯୋଗାଣ ପାଇଁ ଦାବି ହୋଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ନିୟମାନୁସାରେ କ୍ରପକଟିଂ ରିପୋର୍ଟ ପୂର୍ବରୁ ସମ୍ପୃକ୍ତ ଚାଷୀମାନଙ୍କୁ ଏକ ଚତୁର୍ଥାଂଶ ଅଗ୍ରୀମ ବୀମା କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଚାଷୀମାନେ ଦାବି କରିଛନ୍ତି। ଏହା ସହିତ ମରୁଡ଼ିର ସ୍ଥାୟୀ ପ୍ରତିକାର ସକାଶେ ବର୍ଷାଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର, ମଧ୍ୟମ ଜଳଯୋଜନାକୁ ପ୍ରାଧାନ୍ୟ, ଅନ୍ତତଃ ଗୋଟିଏ ଫସଲର ଜଳସେଚନର ଗ୍ୟାରେଣ୍ଟି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରାଯିବା ଏବଂ କେନ୍ଦ୍ର ସରକାର ଆଣିଥିବା ୩କୃଷି ଆଇନ ପ୍ରତ୍ୟାହାର ସହିତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏହି ବିକ୍ଷୋଭ ଶୋଭାଯାତ୍ରା, ପ୍ରତିବାଦ ସଭାରେ ସୋହେଲା ବ୍ଲକର ଶତାଧିକ ଚାଷୀ ସାମିଲ ଥିଲେ।


ସୋହେଲା ତହସିଲ ଅଫିସ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀମାନେ।

## କଫ ସିରପ ଜବତ, ଜଣେ ଗିରଫ

**ନୂଆପଡା ଅଫିସ/ଖଡିଆଳ, ୨୭।୧୦(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ଚିନ୍ଦାଗୁଡା ପଞ୍ଚାୟତ ଅଫିସ ନିକଟରେ ବୁଧବାର ଜଣେ ଯୁବକଙ୍କଠାରୁ ଅବକାରୀ ବିଭାଗ ୬୦ବୋତଲ କଫସିରପ ଜବତ କରିଛି। ସକାଳେ ଖଡିଆଳ ଓ ସିନାପାଲି ଅବକାରୀ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଚିନ୍ଦାଗୁଡା ଗାଁର ଜୟଦେବ ମାଝି ଏକ ବ୍ୟାଗ ଧରି ଛିଡା ହୋଇଥିଲେ। ସନ୍ଦେହରେ ତାଙ୍କୁ ପଚରାଉଚରା କରଯାଇଥିଲା। ତାଙ୍କ ବ୍ୟାଗ ଯାଞ୍ଚ କରିବାରୁ ୬୦ ବୋତଲ କଫ ସିରଫ ବାହାରିଥିଲା। ଏ ନେଇ ଏକ ମାମଲା(୭୨/୨୧)ରୁଜୁ କରି ଜୟଦେବଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢାଉବେଳେ ଏସଆଇ ଡମ୍ବରୁଧର ହରପାଲ, ଏସ ଆଇ ଗଦାଧର ମହାରଣା, ଏଏସଆଇ ସରୋଜ କଟା ସାମିଲ ଥିଲେ।

## ନାଗ ବଂଶୀୟ ବାଲିଯାତ୍ରାର କଳସ ଯାତ୍ରା ସମ୍ପନ୍ନ

**କୋକସରା,୨୭।୧୦(ଡି.ଏନ.ଏ.)**

କୋକସରା ବ୍ଲକ ଡହଗାଁ ପଞ୍ଚାୟତ ନୂଆଗୁଡା ନାଗପଡାରେ ନାଗ ବଂଶୀୟ ଭାଇ ଭାଇଙ୍କ ଏକଜୁଟ ଫଳରେ ଦୀର୍ଘ ଷାଠିଏ ବର୍ଷ ପରେ ଭୀମା ବାଲିଯାତ୍ରା ଅନୁଷ୍ଠିତ ହୋଇଛି। ନାଗ ବଂଶୀୟ ପିତୃ ପୁରୁଷଙ୍କ ପରମ୍ପରାରେ ଭୀମା ବାଲିଯାତ୍ରା ହୋଇଥାଏ। ଚଳିତବର୍ଷ ଏଥିପାଇଁ ମଙ୍ଗଳବାର ଶୁଭ ଖମ୍ବ ଓ କଳସ ଯାତ୍ରା ଆରମ୍ଭ ହୋଇଯାଇଛି। ନାଗ ବଂଶର ପରମ୍ପରା ଅନୁସାରେ ୧୬ ଟି ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ଗ୍ରାମର ଇଷ୍ଟ ଦେବଦେବୀଙ୍କୁ ସୁମରଣା କରି ପୂଜା କାର୍ଯ୍ୟ କରାଯାଇଥାଏ। ୧୯ ଖଣ୍ଡ ଗାଁରେ ଭାଗ ହୋଇ ବସବାସ କରୁଥିବା ବଂଶୀୟ ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ପାଇଁ ଏହି ପୂଜା କରାଯାଇଥାଏ। ଅଶ୍ୱିନ ପଞ୍ଚମୀରୁ ଆରମ୍ଭ ହୋଇ ମଝିରେ ବିଭିନ୍ନ ପୂଜା କାର୍ଯ୍ୟ ସମାପନ ହୋଇ ମାଘ ଦଶମୀରେ ଏହି ପୂଜା ଉଦ୍‌ଯାପନୀ ହେବା ନେଇ ନାଗ ବଂଶର ପୁରୁଖା ବ୍ୟକ୍ତି ନୃପରାଜ ନାଗ ସୂଚନା ଦେଇଛନ୍ତି।

# ଚୟନ ପ୍ରକ୍ରିୟାରୁ ବାଦ୍ ଆବେଦନକାରୀ ଉପଜିଲାପାଳଙ୍କୁ ଫେରାଦ

**ଅଙ୍ଗନୱାଡି କର୍ମୀ ନିଯୁକ୍ତି ପ୍ରସଙ୍ଗ**

**ପାଇକମାଲ,୨୭।୧୦(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ସଦର ଗାଁ ପାଇକମାଲ ୱାର୍ଡ ନମ୍ବର ୬ ଓ ଭେଙ୍ଗରାଜପୁର ଡେଙ୍ଗନାଡିହୀ ଗ୍ରାମର ୱାର୍ଡ ନମ୍ବର ୧ ପାଇଁ ଅଙ୍ଗନୱାଡି କର୍ମୀ ନିଯୁକ୍ତି ସକାଶେ ଜାଲିଆତି ହୋଇଛି। ଏହିଭଳି ଅଭିଯୋଗ କରି ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିଥିବା ଅନ୍ୟ ଆବେଦନକାରୀମାନେ ପଦ୍ମପୁର ଉପଜିଲାପାଳ ଓ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସହଜ କେନ୍ଦ୍ର ଜରିଆରେ ଜାତିଗତ, ଶିକ୍ଷାଗତ ପ୍ରମାଣପତ୍ର ଅନଲାଇନରେ ସେମାନେ ଆବେଦନ କରିଥିଲେ। ତେବେ ପାଇକମାଲ ସିଡିପିଓ କେତେକ ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଆସି ନ ଥିବା କହିଥିଲେ। ସାର୍ଟିଫିକେଟ ଭେରିଫିକେଶନ ସମୟରେ ଆବେଦନକାରୀ ମହିଳାମାନେ ପୁଣି ଥରେ ସମସ୍ତ ସାର୍ଟିଫିକେଟ ସିଡିପିଓଙ୍କୁ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ଇଣ୍ଟରଭିଉ ପ୍ରକ୍ରିୟାରୁ ଏହି ମହିଳାମାନଙ୍କୁ ବାଦ ଦେବା ପାଇଁ ନିଷ୍ପତ୍ତି ନେବା ଯୋଗୁଁ ସମସ୍ତ ଆବେଦନକାରୀ ଉପ ଜିଲାପାଳଙ୍କଠାରେ ଆବେଦନ କରିଥିଲେ। ପାଇକମାଲ ଥାନାରେ ମଧ୍ୟ ସହଜ କେନ୍ଦ୍ର ବିରୋଧରେ ଲିଖିତ ଅଭିଯୋଗ କରିବା ପରେ ପଦ୍ମପୁର ଉପଜିଲାପାଳ ହସ୍ତକ୍ଷେପ କରିଛନ୍ତି। ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅରୁନ୍ଧତି ସାହାଣୀ, ଟିକେବାଲି ମୁନା, ଲବଙ୍ଗ ପ୍ରଧାନ, ଉମା ରୋହିଦାସ, ବବିତା ନନ୍ଦ, ରେବତୀ ସାହା, ସସ୍ମିତା ରାଉତ, ଦିବ୍ୟାଲଲା ପ୍ରଧାନ, ମାନସୀ ବିନ୍ଧ, ରେବତୀ ନାୟକ ପ୍ରମୁଖ ଆବେଦନକାରୀ ଏହିଭଳି ଅଭିଯୋଗ କରିଥିଲେ। ଏନେଇ ପାଇକମାଳ ସିଡିପିଓ କାନ୍ତିଲତା ସାହୁଙ୍କୁ ପଚାରିବାରୁ କେତେକ ଆବେଦନକାରୀଙ୍କ ଅନଲାଇନରେ ସାର୍ଟିଫିକେଟ ଆସି ନ ଥିବାରୁ ସେମାନେ ଯାଞ୍ଚ ପ୍ରକ୍ରିୟାରୁ ବାଦ୍ ପଡିଛନ୍ତ। ବର୍ତ୍ତମାନ ଚୟନ କମିଟି ସଭ୍ୟମାନେ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ଚାଷୀ ସମାବେଶ


ଚାଷୀ ସମାବେଶରେ ମଞ୍ଚାସୀନ ଚାଷୀନେତା।

**ଖପ୍ରାଖୋଲ, ୨୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗଉଡପାଲି ତାରିଣୀ ମନ୍ଦିର ନିକଟରେ ବ୍ଲକସ୍ତରୀୟ ଚାଷୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା କନ୍ଦର୍ପ ସୁଆରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ କୃଷକ ସଂଘ ଜିଲା ସଭାପତି ଯତି ପଧାନ, ଉପସଭାପତି ସୋମେନ୍ଦ୍ର ପରିଛା, ବ୍ଲକ କୃଷକ ସଂଘ ସଭାପତି କ୍ଷମାନିଧି ଭୋଇ, ଜିଲା ସମ୍ପାଦକ ସରୋଜ ରଥ, ଗଗନ ନାଥ, ମଧୁସୂଦନ ଖେତି ଯୋଗ ଦେଇଥିଲେ। ଜିଲା ସଭାପତି ପଧାନ ଅଗାମୀ ଦିନରେ ଚାଷୀମାନେ ଏକହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷିମାରଣା ନୀତି ବିରୋଧରେ ଲଢେଇକୁ ଯୋରଦାର କରାଯିବ ବୋଲି କହିଥିଲେ। ପ୍ରକୃତ ଚାଷୀ ଯେପରି ବୀମା ଟଙ୍କା ପାଇପାରିବେ ସେଥିପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବକ୍ତବ୍ୟ ରଖିଥିଲେ। ଚାଷୀ ସଂଗଠନ ତରଫରୁ ଅଗାମୀ ସୋମବାର ଖପ୍ରାଖୋଲ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ସୁନାରାମ ପଟେଲ, ଗଙ୍ଗାଧର ବରିହା, ହରିହର ପଧାନ, ମାଧବ ଚନ୍ଦ୍ର ମେହେର, ବସନ୍ତ ରଣା, ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ଗୋବିନ୍ଦ କୁମ୍ଭାର, ମମିତା ମେହେର ମୃତ୍ୟୁ ମାମଲା

# ସିବିଆଇ ତଦନ୍ତ ଦାବିରେ ଅନଶନ

**ବରଗଡ଼ ଅଫିସ୍,୨୭।୧୦**



ବରଗଡ଼ ଗାନ୍ଧୀ ଛକରେ କୋସଲ ସେନାର ଅନଶନ।

ବରଗଡ଼ ପୋଲିସ ହେପାଜତରେ ଥିବାବେଳେ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାର ଏବଂ କଳାହାଣ୍ଡି ଗୋଲମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ, ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି ଜୋର୍ ଧରିଛି। ଏହି ଦାବି ନେଇ ବୁଧବାର ସକାଳୁ ବରଗଡ଼ ଗାନ୍ଧିଛକରେ କୋସଲ ସେନା ଅନଶନକୁ ଓହ୍ଲାଇଛି। କୋସଲ ସେନାର ସୁଶାନ୍ତ ମିଶ୍ର, ଅବିନାଶ ବାଗ, ଶୁଭେନ୍ଦୁ ବିଶି, ପ୍ରକାଶ ବାଙ୍କ ପ୍ରମୁଖ ଅନଶନରେ ବସିଛନ୍ତି। ଅନଶନକୁ ସମର୍ଥନ ଜଣାଇ କୋସଲ ସେନାର ଅନ୍ୟ ସଭ୍ୟବୃନ୍ଦ, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଏଥିରେ ସାମିଲ ହୋଇଛନ୍ତି। ତେବେ ଖବର ଲେଖା ହେବା ସୁଦ୍ଧା(ରାତି ସାଢ଼େ ୭ଟା ପର୍ଯ୍ୟନ୍ତ) କୌଣସି ପ୍ରଶାସନିକ ଅଧିକାରୀ ଅନଶନସ୍ଥଳୀକୁ ପହଞ୍ଚି ନଥିବାବେଳେ ଅନଶନ ଜାରି ରହିଛି।

# ୫ମାସର ଶିଶୁକୁ କରୋନା

**ବରଗଡ଼ ଅଫିସ୍,୨୭।୧୦**

କରୋନା ବିପଦ ଟଳି ନାହିଁ। ସଂକ୍ରମଣ ସଂଖ୍ୟା ହ୍ରାସ ପାଇଥିଲେ ହେଁ ନିୟମିତ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେବେ ଶିଶୁମାନେ ଏଥିରେ ସଂକ୍ରମଣ ହେଉଥିବା ବର୍ତ୍ତମାନ ଚିନ୍ତା ବଢ଼ାଇ ଦେଇଛି। ବୁଧବାର ବରଗଡ଼ ଜିଲାରେ ୬ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୋହେଲାର ଏକ ୫ମାସର ଶିଶୁକନ୍ୟା ରହିଛି। ସେହିପରି ତାଲପାଲିର ୨ବର୍ଷର ଶିଶୁକନ୍ୟା ସମେତ ପଦ୍ମପୁରର ଏବଂ ବରପାଲି ୱାର୍ଡ଼ ନଂ–୩ର ୨ଜଣ ଲେଖାଏ ବୟସ୍କ ଆକ୍ରାନ୍ତ ରହିଛନ୍ତି।

## ୨୦୨ ଏସ୍‌ଏଚ୍‌ଜିଙ୍କୁ ୩ କୋଟି ୮୪ଲକ୍ଷ ଟଙ୍କା ଋଣ

**ପଦ୍ମପୁର, ୨୭।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଟାଉନ ହଲଠାରେ ବୁଧବାର ଋଣ ସଂଯୋଗୀକରଣ ଓ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ଏବଂ ଲିଡବ୍ୟାଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି ଋଣମେଳାରେ ମୁଖ୍ୟଅତିଥିଭାବେ ଜିଲା ଜୀବିକା ମିଶନ ପ୍ରକଳ୍ପ ସଂଯୋଜକ ଶଙ୍କର ଚଲାନ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋନୁ ବାଗ, ସିଡିପିଓ ସୁନୀତି ଦେବତା, ଏଫଆଇସି କିଶୋର ଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରିଥିଲେ। ବିପିଏମ ସତ୍ୟ କୁମ୍ଭାର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଲିଡବ୍ୟାଙ୍କ ଏସବିଆଇର ଅଧିକାରୀ ସୀତାରାମ ମେହେର ବିଭିନ୍ନ ସରକାରୀ ଯୋଜନା ଜରିଆରେ ଥିବା ବ୍ୟାଙ୍କଋଣ ଓ ରିହାତି ବ୍ୟବସ୍ଥା ଉପରେ ବୁଝାଇଥିଲେ। ଋଣ ସଂଯୋଗୀକରଣ ଓ ସମନ୍ୱୟ କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକର ୧୪ଗୋଟି ବ୍ୟାଙ୍କରୁ ଶାଖା ପ୍ରବନ୍ଧକମାନେ ଯୋଗଦାନ କରିଥିଲେ। ୧୩ଟି ବ୍ୟାଙ୍କ ଦ୍ୱାରା ୨୦୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ କୋଟି ୮୪ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

# ୨୦୨ ଏସ୍‌ଏଚ୍‌ଜିଙ୍କୁ ୪.୪୬ କୋଟି ଋଣ ପ୍ରଦାନ

**ବରଗଡ଼ ଅଫିସ୍,୨୭।୧୦**

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ମିଶନ ଶକ୍ତିର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ମେଳାରେ ଗ୍ରାମାଞ୍ଚଳର ୨୦୨ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କ ଜରିଆରେ ୪କୋଟି ୪୬ଲକ୍ଷ ୪୮ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଚନ୍ଦ୍ରା ସାହୁ, ଡିପିସି ଅନୀଲ ଡାହାଙ୍ଗା, ମିଶନ ଶକ୍ତି ଡିପିଏମ ଶଙ୍କର ଚଲାନ, ପାର୍ବତୀ ସାହୁ, ସାନିଷ୍ଠା ସ୍ୱାଇଁ, ଅବିନାଶ ଦେହେରୀ, ବିପିଏମ ପ୍ରଣତୀ ବାଗ, ବିଏଲସି ଅଲି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସଭାନେତ୍ରୀ ଝରଣା ଦାସ, ସମ୍ପାଦିକା ସୁଷମା ପ୍ରଧାନଙ୍କ ନେତୃତ୍ୱରେ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଶୁଭଦର୍ଶନୀ ଏସ୍‌ଏଚ୍‌ଜିର ସଭ୍ୟାବୃନ୍ଦ ନିଜେ ତିଆରି କରିଥିବା ମାସ୍କ ବଣ୍ଟନ କରିଥିଲେ।


ମୁଖ୍ୟଅତିଥିଙ୍କଠାରୁ ଋଣ ପ୍ରଦାନ ସମ୍ପର୍କିତ କାଗଜାତ୍ ଗ୍ରହଣ କରୁଛନ୍ତି।

# ଏସ୍‌ପି ଅଫିସ ସମ୍ମୁଖରେ ଭାଜପାର ଧାରଣା


ସୁବର୍ଣ୍ଣପୁର ଏସପିଙ୍କ ଅଫିସ ସମ୍ମୁଖରେ ଭାଜପା ନେତୃବୃନ୍ଦ ଧାରଣାରେ ବସିଛନ୍ତି।

**ସୋନପୁର,୨୭।୧୦(ନି.ପ୍ର.)**

**ମନ୍ତ୍ରୀଙ୍କ ବହିଷ୍କାର, ମମିତା ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି**

ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଘଟଣାରେ ଛନ୍ଦି ହୋଇ ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଭାଜପା ପକ୍ଷରୁ ବୁଧବାର ସୁବର୍ଣ୍ଣପୁର ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଗଣଧାରଣାରେ ଦଳର ନେତୃବୃନ୍ଦ ସାମିଲ ହୋଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ ଭୋଇ ଅଭିଯୋଗ କରିଥିଲେ ଯେ, ପୋଲିସ ତଦନ୍ତକୁ ବାଟବଣା କରୁଛି। ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଞ୍ଚାଇବା ପାଇଁ ସରକାର ସମସ୍ତ ପ୍ରମାଣ ନଷ୍ଟ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହି ଘଟଣାରେ ପୋଲିସ କେତେଜଣ ପ୍ରଭାବଶାଳୀ ଲୋକଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ତେଣୁ ଘଟଣାର ସିବିଆଇ ତଦନ୍ତ କରାଗଲେ ସମସ୍ତ ଅଭିଯୁକ୍ତ ଧରା ପଡିବେ। ମମତାଙ୍କ ପରିବାରଙ୍କୁ ନ୍ୟାୟ ମିଳିବ ବୋଲି ଭାଜପା କହିଛି। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଇଂ ରଘୁନାଥ ଜଗଦଲା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ସଞ୍ଜୁକ୍ତା ହୋତା, ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବିଶି, ରୋହିଣୀ ଡାଙ୍ଗ, ନଳିନୀ ପଣ୍ଡା, ବିଜୟ ମହାକୁର, କିଶୋର ହୋତା, ଶିବରାଜ ବେହେରା, ଅଶୋକ ପୃଷ୍ଟି, ସାନନ୍ଦ ମେହେର ଓ ଜଗଜ୍ୟୋତି ତ୍ରିପାଠୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଏସ୍‌ପି ସୀତାରାମ ଶତପଥୀଙ୍କୁ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା।

## ବ୍ଲକ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡ଼ର) ସଂଘର ବୈଠକ

**ଜୁନାଗଡ,୨୭।୧୦(ଡି.ଏନ୍.ଏ)**

ଜୁନାଗଡ ବ୍ଲକ ବଳଦିଆମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ପ୍ରାଥମିକ ଶିକ୍ଷକ(ଏକ୍ସ କ୍ୟାଡର) ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କୈଳାସ ଚନ୍ଦ୍ର ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ ଓ ଜିଲା ସଭାପତି ସୁବ୍ରତ ଦଣ୍ଡସେନା ଯୋଗ ଦେଇଥିଲେ। ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ରାଉତ, ସମ୍ପାଦକ ଜଗନ୍ନାଥ ବନ୍ଧିଛୋଡ, ଶରତ ସାହୁ, ଅଲେଖ ଚଣ୍ଡୀ, ଉମାକାନ୍ତ ତ୍ରିପାଠୀଙ୍କ ସହ ବ୍ଲକର ସମସ୍ତ ଏକ୍ସ କ୍ୟାଡର ଶିକ୍ଷକ ଯୋଗ ଦେଇଥିଲେ।